Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 101
Sunday, 14 June 2026
Balasore, Page : 8, ₹ 2/
ବାଲେଶ୍ୱର, ରବିବାର, ୧୪ ଜୁନ୍, ୨୦୨୬
ପୃଷ୍ଠା:୮, ମୂଲ୍ୟ: ୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଗରିବ, କୃଷକ, ମହିଳା ଓ ଯୁବକଙ୍କ ପାଇଁ ୧୨ ବର୍ଷର ବଡ଼ ପଦକ୍ଷେପ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ, ୧୩/୬(କ୍ୟୁ.ଏ): ପ୍ରଧାନମନ୍ତ୍ରୀଙ୍କ ୧୨ ବର୍ଷର ଯାତ୍ରା ସେବା, ସୁଶାସନ ଓ ଗରିବ କଲ୍ୟାଣର ସଫଳ ନିଦର୍ଶନଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଗତ ୧୨ ବର୍ଷରେ ଯାତ୍ରା ସେବା, ସୁଶାସନ ଓ ଗରିବ କଲ୍ୟାଣର ସଫଳ ନିଦର୍ଶନ ବୋଲି ଭୋପାଳ ସ୍ଥିତ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଭୋପାଳ ସ୍ଥିତରେ ଦେଶ ଶିକ୍ଷା ମନ୍ତ୍ରୀ ପୃଥକ ପୃଥକ ଭାବେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ, ଜନପ୍ରତିନିଧି ଓ ପ୍ରସାରମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ । ଏହା ସହ ସେ ଆତ୍ମନିର୍ଭର ମହିଳା ସମ୍ମାନ ଓ କିଶୋରୀ ଭାରତ ସଂଜ୍ଞା: ଏକ ବିକଶିତ ଭାରତ ଅଭିମୁଖେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ବିଶ୍ୱାସ, ବିକାଶ ଏବଂ ଜନକଲ୍ୟାଣର ୧୨ ସମ୍ପନ୍ନ ହୋଇଛି । ଏହି ଯାତ୍ରା ଦେଶର ପ୍ରତ୍ୟେକ ବର୍ଗର ସାଙ୍ଗରେ ନେଇ ଆଗକୁ ବଢ଼ିବା ଏବଂ ସେବା ଓ ସୁଶାସନର ସଂଜ୍ଞାକୁ ମଜବୁତ

କରିବାର ଯାତ୍ରା ଅଟେ । ଅନ୍ତୋଦୟ ଭାବନା ସହ ଗରିବ, କୃଷକ, ମହିଳା ଏବଂ ଯୁବକମାନଙ୍କୁ କେନ୍ଦ୍ରରେ ରଖାଯାଇଛି । ଆବାସ ଯୋଜନା, ଲଖ୍ପତି ଯୋଜନା, ଜନଧନ ଯୋଜନା, ଇଷ୍ଟପତି ଦିବି, ଡିଏମ କିଷାନ ସମ୍ମାନ ନିଧି, ଆୟୁଷ୍ମାନ ଭାରତ ଏବଂ ସାର୍ଡଅପ୍ ଇଣ୍ଡିଆ ଭଳି ଅନେକ ଐତିହାସିକ ପଦକ୍ଷେପ ନିଆ ଯାଇଛି । ଆଜି ମହିଳା ନେତୃତ୍ୱାଧୀନ ବିକାଶ ଭାବନା ସହ ଦେଶର ନାରୀ ଶକ୍ତି କେବଳ ସହଭାଗୀ ନୁହେଁ, ବରଂ ପ୍ରଗତିର ଅଗ୍ରଣୀ ଶକ୍ତି ସାଜିଛନ୍ତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି । ସେହିପରି ଆତ୍ମନିର୍ଭର ମହିଳା ସମ୍ମାନ କାର୍ଯ୍ୟକ୍ରମରେ ସାମିଲ ହୋଇ ଧର୍ମେନ୍ଦ୍ର ପ୍ରଧାନ ବିଭିନ୍ନ ପ୍ରଦର୍ଶନୀ କୁଳି ଦେଖିବା ସହ ସେମାନଙ୍କ ପରିଶ୍ରମ, ପ୍ରତିଭା ଓ ଆତ୍ମବିଶ୍ୱାସକୁ ଭଲ ପ୍ରଶଂସା କରିଥିଲେ । ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଆଜିର ନାରୀ ଶକ୍ତି ସ୍ୱୟଂ ଓ ଇନୋଭେସନ ମାଧ୍ୟମରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି । ଲକ୍ଷପତି ଦିଦିମାନଙ୍କୁ ଶିକ୍ଷା ଏବଂ କୌଶଳର ଅଧିକ ସୁଯୋଗ ଯୋଗାଇଦେବା ପାଇଁ ଇଯିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ସହ ମିଶି କୁଆ ପ୍ରୟାସ ଆରମ୍ଭ କରାଯିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଘୋଷଣା କରିଛନ୍ତି । ଏହା ସହିତ ଏହି ଅଭିଯାନରେ ଆଇଆଇଏମ ଭଳି ପ୍ରତିଷ୍ଠିତ ଅନୁଷ୍ଠାନଗୁଡ଼ିକୁ ମଧ୍ୟ ଯୋଡ଼ାଯିବ, ଯାହାଦ୍ୱାରା ମହିଳାମାନଙ୍କୁ ଭଦ୍ୟମିତା ଓ ମ୍ୟାନେଜମେଣ୍ଟ କ୍ଷେତ୍ରରେ କୁଆ ସୁଯୋଗ ମିଳିପାରିବ ବୋଲି ସେ କହିଛନ୍ତି । ଏହାବ୍ୟତୀତ ଭୋପାଳ ମହାନଗର ନିଗମର ନବନିର୍ମିତ ମୁଖ୍ୟାଳୟ 'ଅଟଳ ଭବନ'ରେ କର୍ପୋରେଟରମାନଙ୍କ ସହ ଆଲୋଚନା କରି ସହରରେ ପାଇପ୍ ପ୍ରାକୃତିକ ଗ୍ୟାସର ବ୍ୟବହାର ବଢ଼ାଇ ଶକ୍ତି ଓ ପରିବେଶ ସଂରକ୍ଷଣ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । ଭୋପାଳ ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତକାର କରିଥିଲେ ।

ଲିଖିତ ଭାବେ ବାଧ୍ୟତାମୂଳକ ହେବ ଘର ଭଡ଼ା ଚୁକ୍ତି

ଭୁବନେଶ୍ୱର, ୧୩/୬ (ଆ.ପ୍ର) : ରାଜ୍ୟ ସରକାର ସହରାଞ୍ଚଳରେ ଘରଭଡ଼ା ବ୍ୟବସ୍ଥାରେ ବଡ଼ ସଂସ୍କାର ଆଣିବାକୁ ଯାଉଛନ୍ତି । ସାଧାରଣଙ୍କ ଏହି ବଡ଼ ପଦକ୍ଷେପ ଦ୍ୱାରା ୫୯ ବର୍ଷର ପୁରୁଣା ଆଇନ ବଦଳିବ । ଏଣିକି ଘରମାଲିକମାନେ ମୌଖିକ ଚୁକ୍ତିରେ ନୁହେଁ । ବରଂ ଲିଖିତ ଭାବେ ଘର ଭଡ଼ା ଚୁକ୍ତି କରିବେ । ଘର ଭଡ଼ା ଚୁକ୍ତି ଲିଖିତ ଭାବେ ବାଧ୍ୟତାମୂଳକ ହେବ । ଚୁକ୍ତିନାମା ସ୍ୱାକ୍ଷର ପରେ ୨ ମାସ ମଧ୍ୟରେ ଥାନାରେ ପଂଜୀକରଣ କରାଯିବ । ଏଥି ପାଇଁ ସରକାର ଏକ ଅନଲାଇନ୍ ପୋର୍ଟାଲ ଖୋଲିବେ । ଏହି ପୋର୍ଟାଲରେ ସମସ୍ତ ଭଡ଼ା ଚୁକ୍ତି ପଂଜୀକୃତ ହେବ । ଏଗେଲ ଓଡ଼ିଶା ସହରାଞ୍ଚଳ ଭଡ଼ା ନିୟନ୍ତ୍ରଣ ଅଧିନିୟମ ୨୦୨୬'ର ଖସଡ଼ା ପ୍ରକାଶ ପାଇଛି । ସବୁଠାରୁ ବଡ଼ କଥା ହେଲା ସରକାରଙ୍କ ନୂତନ ଘର ଭଡ଼ା ଆଇନ ଲାଗୁ ହେଲେ ଘରମାଲିକମାନେ ଲାଗାମ ଭିତରେ ରହିବେ ତ ? ସହରାଞ୍ଚଳରେ ଘରଭଡ଼ା ଆଇନ୍- ୨୦୨୬ରେ ୧୯୬୭ ଓ ୧୯୭୪ର ଆଇନ୍‌ରେ ଯେଉଁ ସଂଶୋଧନ କରାଯାଇ, ତାହା ଫଳରେ ସରକାରଙ୍କ ନିକଟରେ ଘରମାଲିକ ଓ ଭଡ଼ାରେ ରହୁଥିବା ଲୋକମାନଙ୍କର ସବିଶେଷ ତଥ୍ୟ ରହିବ । ଏପରିକି ସହରରେ ଆସ୍ଥାନ ଜମାଇ ଅସାମାଜିକ କାର୍ଯ୍ୟରେ ଲିପ୍ତଥିବା ଗୋଷ୍ଠୀ ଓ ଆତଙ୍କବାଦ ବଢ଼ାଉଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନିତ କରିବା ପୁଲିସ ପକ୍ଷରେ ସହଜ ହୋଇପାରିବ । ସେହିପରି କେତେକ ଘରମାଲିକ ଅସ୍ୱୀକୃତ ଭାବେ ଛାତ୍ରାବାସ ଖୋଲି, ଶତାଧିକ ଛାତ୍ରଛାତ୍ରୀଙ୍କୁ ରଖୁଥିଲେ ହେଁ ସେପରି ସୁବିଧା ବ୍ୟବସ୍ଥା ନାହିଁ । ନୂତନ ଘରଭଡ଼ା ପଞ୍ଜୀକରଣ ଦ୍ୱାରା ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟ କିଛି ମାତ୍ରାରେ ନିୟନ୍ତ୍ରଣ ହେବା ସହିତ ସହର ପରିଚାଳନା ଓ ସେବା ଯୋଗାଇ ଦେବାରେ ସ୍ଥାନୀୟ ପ୍ରଶାସନ ଯୋଜନା ପ୍ରସ୍ତୁତ କରିବାରେ ସହାୟକ ହୋଇପାରିବ । ଘରଭଡ଼ା ନାମରେ ଶୋଷଣ କରୁଥିବା ଘରମାଲିକମାନଙ୍କର ମନମାନି କିଛି ମାତ୍ରାରେ ନିୟନ୍ତ୍ରଣ ହୋଇପାରିବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି ।

ଫ୍ରାନ୍ସ, ସ୍ଲୋଭାକିଆ ଗସ୍ତରେ ମୋଦୀ

ନୂଆଦିଲ୍ଲୀ, ୧୩/୬(କ୍ୟୁ.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସପ୍ତାହବ୍ୟାପୀ ଫ୍ରାନ୍ସ ଏବଂ ସ୍ଲୋଭାକିଆ ଗସ୍ତ ଆଜିଠାରୁ ଆରମ୍ଭ ହୋଇଛି । ଏହି ଗସ୍ତ ଅବସରରେ ମୋଦୀ ଜି-୭ ସମ୍ମିଳନୀରେ ଯୋଗ ଦେବେ ଏବଂ ବିଭିନ୍ନ ବୈଶ୍ୱିକ ପ୍ରସଙ୍ଗରେ ବିଶ୍ୱ ନେତାମାନଙ୍କ ସହ ଦ୍ୱିପକ୍ଷୀୟ ଆଲୋଚନା କରିବେ । ଫ୍ରାନ୍ସ ଏବଂ ସ୍ଲୋଭାକିଆ ଗସ୍ତ ପାଇଁ ଆଜି ଦେଶରୁ ଉଡ଼ାଣ କରିବା ସମୟରେ ମୋଦୀ କହିଥିଲେ, ଫ୍ରାନ୍ସ ଭାରତର ରଣନୀତିକ ଦୃଷ୍ଟିକୋଣରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି । ଚଳିତ ବର୍ଷ ଆରମ୍ଭରେ ରାଷ୍ଟ୍ରପତି ମାକ୍ରନ ଭାରତ ଗସ୍ତ କରିଥିଲେ ଏବଂ ଏକ ସ୍ୱତନ୍ତ୍ର ବୈଶ୍ୱିକ ରଣନୀତିକ ସହଭାଗିତା ବିଗରେ ଆମେ ଆମ ସମ୍ପର୍କକୁ ଅଧିକୁ ଗୁରୁତ୍ୱ କରିଛୁ ।

ଛୁଟି

ରଜ ପର୍ବ ଅବସରରେ ଆଦେଶ। ୧୪.୦୬.୨୦୨୬ ଏବଂ ୧୫.୦୬.୨୦୨୬ ଭୁଲ ଦିନ 'ସେଇଠୁ ଆରମ୍ଭ' କାର୍ଯ୍ୟାଳୟ ଓ ପ୍ରେସ୍ ଘର ରହୁଥିବାରୁ ପରବର୍ତ୍ତୀ ସଂସ୍କରଣ ଆସନ୍ତା ୧୭.୦୬.୨୦୨୫ ସକାଳେ ପ୍ରକାଶ ପାଇବ । : ପ୍ରକାଶକ

ଶୁଭେଚ୍ଛା

ଆମର ଅଗଣିତ ପାଠକ/ପାଠିକା, ଶୁଭଚିନ୍ତକ, ବିଜ୍ଞାପନଦାତା ତଥା ଶୁଭେଚ୍ଛୁମାନଙ୍କୁ ରଜ ପର୍ବ ଅବସରରେ ଶୁଭେଚ୍ଛା ଜଣାଉଛୁ ।
: ସମ୍ପାଦକ

ପୁରୀ ରେଳ ଷ୍ଟେସନ ବିକାଶ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ରାଜ୍ୟପାଳ

ଭୁବନେଶ୍ୱର, ୧୩/୬ (ଆ.ପ୍ର) : ରାଜ୍ୟପାଳ ଡ. ହରିବାବୁ କମ୍ଭମପାତି ଶନିବାର ପୁରୀ ରେଳ ଷ୍ଟେସନ ବିକାଶ ପ୍ରକଳ୍ପର ସ୍ଥଳ ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ରେଳ ଷ୍ଟେସନକୁ ଏକ ଆଧୁନିକ, ଯାତ୍ରୀ-ଅନୁକୂଳ ପରିବେଶ ହିସାବରେ ପରିଣତ କରିବା ପାଇଁ କରାଯାଇଥିବା କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ । ରାଜ୍ୟପାଳ ପୂର୍ବାହ୍ଣ ପ୍ରାୟ ୧୧ଟାରେ ପ୍ରକଳ୍ପ ସ୍ଥଳରେ ପହଞ୍ଚିଥିଲେ, ଯେଉଁଠାରେ ତାଙ୍କୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରାଜ୍ୟପାଳଙ୍କୁ ଷ୍ଟେସନ ବିକାଶ ପ୍ରକଳ୍ପର ବିଭିନ୍ନ ଉପାଦାନର ଅଗ୍ରଗତି ବିଷୟରେ ସୂଚନା ଦେଇଥିଲେ, ଯେଉଁଥିରେ ସମ୍ମୁଖ ଭାଗ, ମୁଖ୍ୟ ପ୍ରବେଶ ଏବଂ ପ୍ରଧାନ ଫାଟକ, ଜାଲୁ ଆବରଣ, ସିଲିଂ କାର୍ଯ୍ୟ, ପ୍ରବେଶ ପ୍ରେକ୍ଷାଗୃହ ଏବଂ ସାଧାରଣ ଶୌଚ ଅନ୍ତର୍ଭୁକ୍ତ । ଏକ ସ୍ୱତନ୍ତ୍ର ମଡେଲ ଏବଂ ବିସ୍ତୃତ ପ୍ରକଳ୍ପ ମାନଚିତ୍ର ମାଧ୍ୟମରେ, ଅଧିକାରୀମାନେ ଯାତ୍ରୀମାନଙ୍କ ପାଇଁ ସୃଷ୍ଟି ହେଉଥିବା ଆଧୁନିକ

ସୁବିଧାଗୁଡ଼ିକୁ ପ୍ରଦର୍ଶନ କରିଥିଲେ । ଏହି ଇନ୍ଟର ଷ୍ଟେସନରେ ଖାଦ୍ୟ କୋର୍ଟ, ଜନ ଆହାର ଆଉତଳେତ, ଅବସର ପ୍ରକୋଷ୍ଠ, ଛାତ୍ରାବାସ, ଯାତ୍ରୀ ବିଶ୍ରାମାଗାର, ସ୍ୱତନ୍ତ୍ରାଳିତ ଟିକେଟ୍ ଭେଣ୍ଡିଂ ମେସିନ୍, ବିଦ୍ୟାଳୟଙ୍କର ପାଇଁ ଇଚ୍ଛାଳୀକୃତ ପାର୍କିଂ ସ୍ଥାନ, ଟ୍ୟାରେଜ୍ ସ୍ଥାନର ଏବଂ ପ୍ରତିବନ୍ଧକମୁକ୍ତ ପ୍ରବେଶ ଏବଂ ପ୍ରସ୍ଥାନ ବ୍ୟବସ୍ଥା ସମେତ ବିଭିନ୍ନ ସୁବିଧା ଉପଲବ୍ଧ ହେବ । ଏହି ସୁବିଧାଗୁଡ଼ିକ ପବିତ୍ର ପୁରୀ ସହରକୁ ଆସୁଥିବା ତୀର୍ଥଯାତ୍ରୀ ଏବଂ ପରିବର୍ତ୍ତକଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଯାତ୍ରୀଙ୍କ ଆରାମ, ସୁବିଧା ଏବଂ ସୁରକ୍ଷାତା ବୃଦ୍ଧି କରିବା ଲକ୍ଷ୍ୟରେ କରାଯାଇଛି । ପରେ ରାଜ୍ୟପାଳ ପ୍ରକଳ୍ପ ସ୍ଥଳର ବିଭିନ୍ନ ଅଂଶ ପରିଦର୍ଶନ କରିଥିଲେ ଏବଂ ଚାଲୁଥିବା ନିର୍ମାଣ କାର୍ଯ୍ୟର ଗତି ଏବଂ ଗୁଣବତ୍ତା ସମୀକ୍ଷା କରିଥିଲେ । ପୁରୀର ଲୋକଭବନରେ ରାଜ୍ୟପାଳ ପୂର୍ବତଟ ରେଳପଥ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ସହିତ ଏକ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଥିଲେ । ତାଙ୍କୁ ପୁରୀ ରେଳ ଷ୍ଟେସନ ବିକାଶ ପ୍ରକଳ୍ପର ସ୍ଥିତି ଏବଂ ପ୍ରସ୍ତାବିତ ପୁରୀ-କୋଣାର୍କ ରେଳ ଲିଙ୍କ ପ୍ରକଳ୍ପର ଅଗ୍ରଗତି ବିଷୟରେ ଅବଗତ କରାଯାଇଥିଲା । ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ ଯେ ୨୦୨୬ ମସିହାରେ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପୂର୍ବରୁ ଷ୍ଟେସନ ବିକାଶ ପ୍ରକଳ୍ପ ସମାପ୍ତ ହେବା ଉଚିତ, ଯାହା ଦ୍ୱାରା ଲକ୍ଷ ଲକ୍ଷ ଭକ୍ତ, ତୀର୍ଥଯାତ୍ରୀ ଏବଂ ଯାତ୍ରା କର୍ମୀଙ୍କ ସୁବିଧା ଏବଂ ଇନ୍ଟର ଯାତ୍ରା ଅଭିଜ୍ଞତାରୁ ଲାଭବୃତ୍ତ ହୋଇପାରିବେ । ସେ କହିଥିଲେ ଯେ ଜନସାଧାରଣଙ୍କ ସୁବିଧା ଏବଂ ସେବା ଯୋଗାଣି ସମସ୍ତ ଜିନିଷକୁ ବିକାଶ ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦେଶବ୍ୟାପୀ ଆଧୁନିକ ଏବଂ ବିଶ୍ୱସ୍ତରୀୟ ରେଳ ଭିତ୍ତିଭୂମି ପାଇଁ ଦୃଷ୍ଟିକୋଣକୁ ଉଲ୍ଲେଖ କରି ତତ୍ପର ହରିବାକୁ ଉଲ୍ଲେଖ କରିଥିଲେ ଯେ ଏପରି ପ୍ରକଳ୍ପଗୁଡ଼ିକ ସଂଯୋଗୀକରଣକୁ ଇନ୍ଟର କରିବା, ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଏବଂ ଆର୍ଥିକ ଅଭିବୃଦ୍ଧିକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ । ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ବ୍ରହ୍ମପୁର ଏବଂ ପୂର୍ବତଟ ରେଳପଥ ଅଧୀନରେ ଥିବା ଅନ୍ୟାନ୍ୟ ଷ୍ଟେସନ ସମେତ ସମସ୍ତ ଓଡ଼ିଶାରେ କରାଯାଇଥିବା ପ୍ରମୁଖ ରେଳ ଷ୍ଟେସନ ବିକାଶ ଏବଂ ଆଧୁନିକୀକରଣ କାର୍ଯ୍ୟର ଅଗ୍ରଗତି ବିଷୟରେ ମଧ୍ୟ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା ।

ଚାମେଲିଙ୍କୁ ମେଡିକାଲରେ ଭେଟିଲେ ପିସିସି ସଭାପତି

କେନ୍ଦ୍ରାପଡ଼ା, ୧୩/୬ (ଆ.ପ୍ର) : କେନ୍ଦ୍ରାପଡ଼ା ଜିଲ୍ଲା ମହକାଳପଡ଼ା ବ୍ଲକ ଅଧୀନ ଡିଖିରି ସରପଞ୍ଚ ଚାମେଲି ଓଝାଙ୍କୁ ଦୁର୍ବ୍ୟବହାର ଓ ମାଡ ଘଟଣାକୁ ନେଇ ରାଜନୀତି ଜୋର ଧରିଛି । ଆଜି ଜିଲ୍ଲା କଂଗ୍ରେସ ମହାଳାପପଡ଼ା ଥାନା ଆଗରେ ଧାରଣାରେ ବସିଥିବା ବେଳେ ଅପରାହ୍ନରେ ପିସିସି ସଭାପତି ଭକ୍ତ ଚରଣ ଦାସ କେନ୍ଦ୍ରାପଡ଼ାରେ ପହଞ୍ଚି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅସୁସ୍ଥ ଚାମେଲି ଓଝାଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହିତ ଆଲୋଚନା କରିବା ସହ ଭଲମ ଚିକିତ୍ସା ପାଇଁ ଜରୁରୀ ଚଢ଼ ମେଡିକାଲ୍‌କିମ୍ବା ଏମଏସକୁ ସ୍ଥାନାନ୍ତରିତ କରିବା ପାଇଁ ପରାମର୍ଶ ଦେଇଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କିଲ୍ଲାପାଳ ରଘୁରାମ ଆର ଆୟର ଓ ଏସପି ସିଦ୍ଧାର୍ଥ କଟାରିଆଙ୍କ ସହ ଆଲୋଚନା କରି ବିଡିଓ ଓ ମହାଳାପପଡ଼ା ପୁଲିସ୍ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ କେବାକୁ ଦାବି କରିଛନ୍ତି । ଡିଖିରୀର ମହିଳା ସରପଞ୍ଚ ଜେଲି ଅପରାଧ କଲା ଯେ ତାଙ୍କୁ କାମିନ ବିହାନ ଦଫାରେ ଜେଲ୍ ପଠାଗଲା ? ତରବରିଆ ଭାବେ କାର୍ଯ୍ୟାଳୟରେ ଥିବା ଜିଲ୍ଲା ପିସିସି ସଭାପତି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି । ବଢ଼ବଢ଼ିଆଙ୍କ ଜୁଲମର ପ୍ରମାଣ ଯଦି ମହିଳା ସରପଞ୍ଚଙ୍କ ପାଖରେ ଥିବ ତାକୁ ମାରି ଦେବାର ଷଡଯନ୍ତ୍ର କରିପାରନ୍ତି ବୋଲି ସେ ଆଶଙ୍କା ବ୍ୟକ୍ତ କରିଛନ୍ତି । ସରକାର ତାକୁ ନ୍ୟାୟ ଦେବାକୁ ପଛିତ ଓ ତୁରନ୍ତ ତାକୁ ଜାମିନ ଦେବାର ବ୍ୟବସ୍ଥା କରନ୍ତୁ ବୋଲି ସେ ଦାବି

କରିଛନ୍ତି । ମହିଳା ସରପଞ୍ଚ ଭାଗ ଅଧିକାର ପରିସର ଭିତରେ ସ୍ୱର ଉଠାଇଛନ୍ତି । ଫକରମୋହନ ସେନାପତି ମହାବିଦ୍ୟାଳୟରେ ତାଙ୍କ ଦରର ଛାତ୍ରୀଙ୍କୁ ପୋଡି ମାଡିବା ଭଳି ତାଙ୍କ ଦରର ସରପଞ୍ଚଙ୍କୁ ଅତ୍ୟାଚାର କରାଯାଇଛି ବୋଲି କହିଛନ୍ତି । ଏହା ପଛରେ ଜେଉଁ କ୍ଷମତାଶାଳୀ ଲୋକଙ୍କ ହାତ ଅଛି ବୋଲି ପାଡ଼ିବା ସରପଞ୍ଚ କରିଥିବା ଅଭିଯୋଗ ଉପରେ ଜାହିଁକି କାର୍ଯ୍ୟନୁଷ୍ଠାନ ନିଆଯାଇନି ବୋଲି ପିସିସି ସଭାପତି ପ୍ରଶ୍ନ କରିଛନ୍ତି । ପିସିସି ସଭାପତି ଶ୍ରୀ ଦାସଙ୍କ ସହିତ ପୂର୍ବତନ ମନ୍ତ୍ରୀ ପଞ୍ଚାନନ ଜାନୁନଗୋ, ନଗେନ୍ଦ୍ର ପ୍ରଧାନ, ଯୁବ ନେତା ସିଦ୍ଧାର୍ଥ ସ୍ୱରୂପ ଦାସ, ଶିବାନନ୍ଦ ରାୟ, ପୂର୍ବତନ ବିଧାୟକ ସିଂହ ମଲ୍ଲିକ, ବିନୁୟ ପ୍ରସାଦ ଦେବୁଆ, ଜିଲ୍ଲା ସଭାପତି ଦେବଦ୍ଭିତା ଶର୍ମା, କଂଗ୍ରେସ ସେବା ଦଳର ମୁଖ୍ୟ ଶୁଭେନ୍ଦୁ ମହାନ୍ତି, କିଷାନ ମୋର୍ଚ୍ଚା ମୁଖ୍ୟ ଅଭୟ ସାହୁ, ପିସିସି ଉପସଭାନେତ୍ରୀ ସବିତା ଦେବେରା, ଯୁବ କଂଗ୍ରେସ ଜିଲ୍ଲା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ପ୍ରଣୀତ କୁମାର ରାଉତ, ଆଚରଣ ଅଗ୍ରୁ, ହଲଧର ସେଠୀ, ସତ୍ୟପ୍ରିୟ ସାମଲ, ରବିକାନ୍ତ ଜାନୁନଗୋ , ପ୍ରଫୁଲ୍ଲ ଦାସ ପ୍ରମୁଖ କଂଗ୍ରେସନେତାମାନେ ପାଡ଼ିବା ସରପଞ୍ଚ ଚାମେଲିଙ୍କୁ ସାକ୍ଷାତ କରିଥିଲେ ।

ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ମାମଲା : ଓଏଏସ ପୁରୁଷ ବନ୍ଧୁ ଭୀମସେନ ଗିରଫ

ଭୁବନେଶ୍ୱର, ୧୩/୬ (ଆ.ପ୍ର) : ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲାରେ ତାଙ୍କ ପ୍ରେମିକ ତଥା ଓଏଏସ ଅଫିସର ଭାବେ ନିଯୁକ୍ତି ପାଇବା ପୂର୍ବରୁ ଚାକିରି କରୁଥିବା ଭୀମସେନ ବୁଢ଼ୁଙ୍କୁ ଗିରଫ କରିଛି ପୁଲିସ । ୮ ଦିନ ଧରି ସେଠାର ହେବା ପରେ ଗତକାଲି ରାତିରେ ତାଙ୍କୁ ଗିରଫ କରିଛି ପୁଲିସ । ପୁଲିସର ପ୍ରାଥମିକ ତଦନ୍ତରୁ ଚନ୍ଦ୍ରିକାଙ୍କ ମୃତ୍ୟୁ ପାଇଁ ସେ ଦାୟୀ ବୋଲି ଜଣାପଡ଼ିଛି । ଜଟକ ଡିସିପି ଋଷିକେଶ ଖୁଣ୍ଟିଆ ଶନିବାର ଏହି ସୂଚନା ଦେଇଛନ୍ତି । ଡିସିପିଙ୍କ ସୂଚନା ଅନୁଯାୟୀ, ଘଟଣା ଦିନ ଚନ୍ଦ୍ରିକା ଏକ ଓଲା କ୍ୟାବରେ ତିଷ୍ଠୁଣିଆ ନିକଟକୁ ଆସିଥିଲେ । ଏହା ପରେ ନିଜ ଫୋନରୁ ବାରମ୍ବାର ଭୀମସେନଙ୍କୁ କଲ୍ ? କରିଥିଲେ । କିନ୍ତୁ ଭୀମସେନ ଫୋନ୍ ଉଠାଇ ନ ଥିଲେ । ଭୀମସେନ ତାଙ୍କ ଫୋନ୍ କରିଥିବାରୁ ରାସ୍ତାରେ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଫୋନ୍ ମାଗି ଚନ୍ଦ୍ରିକା ତାଙ୍କ ପାଖକୁ କଲ୍ କରିଥିଲେ । ତଥାପି ଭୀମସେନ ଫୋନ୍ ? ଉଠାଇ ନଥିଲା । ତା'ପରେ ଚନ୍ଦ୍ରିକା ବରମ ନିଷ୍ପତ୍ତି ନେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଚନ୍ଦ୍ରିକାଙ୍କ ମୃତ୍ୟୁ ଘଟଣା ସାମ୍ନାକୁ ଆସିବା ପରେ ଭୀମସେନ ଓଏଏସ୍ ଟ୍ରେନିଂ ସେଣ୍ଟରରୁ ଟେଗାର ହୋଇ

ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ଓ ବିଶ୍ୱ ବୃଦ୍ଧ ନିର୍ଯାତନା ସଚେତନତା ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ପାରକାଖେମୁଣ୍ଡି, ୧୩/୦୬ (ଆ.ପ୍ର) : କାଶୀନଗର ବ୍ଲକ ଅନ୍ତର୍ଗତ ବୁଢୁରା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଡିଏଲଏସଏ, ଗଜପତି ପକ୍ଷରୁ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ଏବଂ ବିଶ୍ୱ ବୃଦ୍ଧ ନିର୍ଯାତନା ସଚେତନତା ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମଟି ଗଜପତି ଜିଲ୍ଲା ଓ ବେଗୁରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଏବଂ ଡିଏଲଏସଏର ସଚିବ ଦିମଜ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଦିମଜ ରାଉଳ, ସଚିବ, ଡିଏଲଏସଏ, ଗଜପତି, ଲାଲେଶ କୁମାର ମିଶ୍ର, ପିପି, ଜିଲ୍ଲା ନ୍ୟାୟାଳୟ, ଗଜପତି, ସୁନୀତା ଜିମା, ପିଇଓ, ବୁଢୁରା ଗ୍ରାମ ପଂଚାୟତ, ହେମଲତା ମିଶାଲ, ସରପଂଚ, ବୁଢୁରା ଗ୍ରାମ ପଂଚାୟତ, କାଳୁ ରାଉତ, ସଚିବ ଓ ସେବାରୀ ଶ୍ରମ ଅଧିକାରୀ, ଗଜପତି ଏବଂ ତ୍ରିନାଥ ସେଠୀ, ଆଇଆଇସି, କାଶୀନଗର ଆଦି ପ୍ରମୁଖ ଉପସ୍ଥିତ ରହି ଶିଶୁ ଶ୍ରମ ନିରୋଧ, ଶିଶୁଙ୍କ ଅଧିକାର, ବୃଦ୍ଧମାନଙ୍କ ସୁରକ୍ଷା ଓ ସମ୍ମାନ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଲଂଟଜନ୍ୟାଶନାଲ ଜଷ୍ଟିସ ମିଶନ ଆଡଭୋମର ସଦସ୍ୟମାନେ ମଧ୍ୟ ଯୋଗଦାନ କରିଥିଲେ । ବହୁ ସଂଖ୍ୟକ ସ୍ଥାନୀୟ ଜନସାଧାରଣ ଓ ଅଂଗନୱାଡିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର

ଛତିଆ, ୧୩/୦୬ (ଆ.ପ୍ର) : ସ୍ଥିତ ମଧ୍ୟ ପୁରୁଷ ଛାତ୍ରିବାସ ମଧ୍ୟ ବିଦ୍ୟାଳୟରେ ଚଳିତ ମାସ ୮ ତାରିଖ ଠାରୁ ୧୦ତାରିଖ ପର୍ଯ୍ୟନ୍ତ ତିନି ଦିନ ବ୍ୟାପି ଅଞ୍ଚଳ କୁ ମଣ୍ଡନୀୟ ସର୍ବ ଶିରୋମଣି ମୁନି ସମାଜ ଓଡିଶା ପ୍ରାପ୍ତ ପକ୍ଷରୁ ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଥିଛି, ୧୩ଟି ଜିଲ୍ଲାରୁ ୫୨ଜଣ ଯୋଗ ଶିକ୍ଷକ ଓ ୧୨ଜଣ ଯୋଗାଚାର୍ଯ୍ୟ ଏଥିରେଯୋଗ ଦେଇ ଶିକ୍ଷା ଦାନ କରିଥିଲେ, ୩୦୦ରୁ ଉର୍ଦ୍ଧ୍ୱ ମୁନି ଓ ମୁନି ମତି ଯୋଗ ଜରିରେ ତାଲିମ ଗ୍ରହଣ କରିଥିଲେ, ଆଜି ସୋମାନଙ୍କୁ ପଦୀକ୍ଷା ଲଗାଯାଇ ସାର୍ଟିଫିକେଟ ଓ ମାର୍କ ଲିଷ୍ଟ ପ୍ରଦାନ କରାଯାଇଥିଲା, ଏଥିପାଇଁ ଆୟୋଜିତ ଏକ ସଭାରେ ଓଡିଶା ପ୍ରାନ୍ତ ସଭାପତି ଯୋଗାଚାର୍ଯ୍ୟ ଦଶରଥ ପଣ୍ଡା ଅଧ୍ୟକ୍ଷତା କରିଥିଲେ, ଛତିଆ ଲଲେଜ ଲାଭର ପ୍ରିନସିପାଲ ତଙ୍କର ନିରଞ୍ଜନ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ, ଓଡିଶା ପ୍ରାନ୍ତ ସମ୍ପାଦକ ମୁନି ରତ୍ନ ଯୋଗାଚାର୍ଯ୍ୟ ଧ୍ରୁବ ଚରଣ ପ୍ରଧାନ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ, ସଂଗଠନ ପ୍ରଚାର ମନ୍ତ୍ରୀ ଯୋଗାଚାର୍ଯ୍ୟ ଅନନ୍ତ ପ୍ରଧାନ ଯୋଗାଚାର୍ଯ୍ୟ ମାନ କେତନ ମୁନିଯୋଗାଚାର୍ଯ୍ୟ ତ୍ରିଲୋଚନ ମୁନି ଯୋଗାଚାର୍ଯ୍ୟ ଅରୁଣ ମୁନି ଯୋଗାଚାର୍ଯ୍ୟ କଳାକୃଷ୍ଣ ମୁନି ଯୋଗାଚାର୍ଯ୍ୟ ଅନନ୍ତ ମୁନିଯୋଗାଚାର୍ଯ୍ୟ ଦୟାଲିଧି ମୁନିଯୋଗାଚାର୍ଯ୍ୟ ତ୍ରିଲୋଚନ ମୁନିଯୋଗାଚାର୍ଯ୍ୟ ବାଉଧର ମୁନି ମୁନି ମତି ଯୋଗାଚାର୍ଯ୍ୟ ବାପାଞ୍ଜନି ପ୍ରମୁଖ ଯୋଗ ଦେଇଥିଲେ, ଯୋଗୀ ରମେଶ ମୁନିଯୋଗୀ କାର୍ତିକ ମୁନି ଯୋଗୀ ଚରି ମୁନି ଯୋଗୀ ନାଗାୟଣ ମୁନି ଓ ଯୋଗୀ ରଘୁନାଥ ମୁନି ପ୍ରମୁଖ କାର୍ଯ୍ୟ କ୍ରମ ପରିଚାଳନା କରିଥିଲେ ।

ମା' ଭୈରବୀ କଲ୍ୟାଣ ମଣ୍ଡପରେ ରଜ ମହୋତ୍ସବ ଅନୁଷ୍ଠିତ

ବାଲିଗୁଡା, ୧୩/୦୬ (ଆ.ପ୍ର) : ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ସରକାର ଏବଂ କନ୍ଧମାଳ ଜିଲ୍ଲା ଚେଙ୍ଗେଲପଥରର ମା' ବନଦେବୀ କଳା ସାଂସ୍କୃତିକ ଦଳର ମିଳିତ ଅନୁକୂଲ୍ୟରେ କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ବିଜାବାଲି ବ୍ଲକ ସ୍ଥିତ ମା' ଭୈରବୀ କଲ୍ୟାଣ ମଣ୍ଡପ ପରିସରରେ ଆବାହକ ଅପରାଜି ବିଭାଲଙ୍କ ନେତୃତ୍ୱରେ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଂଚାୟତ ସମିତି ଅଧ୍ୟକ୍ଷ ବିଜାପ କର୍ଦ୍ଦର ଯୋଗଦେଇ ରଜ ଆମ ପରମ୍ପରା ଓ ଏତିହ୍ୟ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ ଓ ସେହିପରି ଅନ୍ୟ ମଂଚାସିନ ଅତିଥି ହେଲେ ବିଜେପି ରାଜ୍ୟ ଉପସଭାପତି ରାମଦିଣ୍ଡ ବିଗାଲ, ଜିଲ୍ଲା ସାଂସ୍କୃତିକ ମଂଚ ସଭାପତି ଅକ୍ଷୟ କର୍ତ୍ତା, ଜାଗରଣ ମଂଚ ସଭାପତି ପରେଶ ପାତ୍ର, ସମାଜସେବୀ ପାତ୍ର ବିଗାଲ, ସାଉରାମ ବେହେରା, ଅନନ୍ତ ନାୟକ, ଦୁର୍ଗିମା ବିଗାଲ, ସୁନନା କର୍ଦ୍ଦର, ଜିଲା ବିଗାଲ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ସୁଧୀର କୁମାର ସାହୁ ପରିଚାଳନା କରିଥିବା ବେଳେ ସଭାନେତ୍ରୀ ଦେବି କର୍ଦ୍ଦର, ସାମ୍ପାଦକ ବିନୋଦିନୀ ବିଗାଲ ଏବଂ ଅନ୍ୟ କର୍ମକର୍ତା ସହଯୋଗ କରିଥିଲେ ଓ ଏହି ରଜ ମହୋତ୍ସବ କାର୍ଯ୍ୟକ୍ରମରେ ଟିକାବାଲି ବ୍ଲକ ଅଂଚଳରୁ ପ୍ରାୟ ପାଂଚଶହରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା କଳାକାର ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ଓ ବିଭିନ୍ନ କଳା ପ୍ରଦର୍ଶନ କାରୀଙ୍କୁ ଅତିଥିଙ୍କ ଦ୍ୱାରା ମାନ ପତ୍ର ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା ଓ ଶେଷରେ ଉପସ୍ଥିତ ସମସ୍ତ ଅତିଥି, କଳାକାର ଓ ଜନସାଧାରଣ ମାନେ ରଜ ମଣ୍ଡଳ କରି ପିଠା ପଣା ଏବଂ ରଜ ପାନ ଖୁଆଇ, ଧୂଳି ଖେଳି ଉତ୍ସବ ମନାଇ ଥିଲେ ।

ପଟ୍ଟା ଜମିରେ ଚାଲିଥିଲା ମାଇନିଂ ଗାଡି, ଜେସିପି ଲଗାଇ ଖୋଳି ଦେଲେ ଜମି ମାଲିକ

ବଣାଇଁ, ୧୩/୦୬ (ଆ.ପ୍ର) : ଖଣି ସମୃଦ୍ଧ ସୁନ୍ଦରଗଡ଼ ଜିଲା କୋଇଡ଼ା ଅଂଚଳରୁ ଆସିଛି ପ୍ରଶାସନିକ ଅବହେଳା ଓ ଜନ ଅସନ୍ତୋଷର ଏକ ସାଂଘାତିକ ଚିତ୍ର । ନିଜ ପଟ୍ଟା ଜମି ଉପରେ ଦେଇ ଯାଇଛି ରାଜରାସ୍ତା, ଆଉ ସେହି ରାସ୍ତାରେ ଦିନରାତି ଚଳାଚଳ କରୁଛି ବିଭିନ୍ନ ଖଣି କମ୍ପାନୀର ଶକ୍ତିଶାଳୀ ଲାରୀସାନ । ହେଲେ ଜମି ହରାଇଥିବା ନିରୀହ ଚାଷୀ ଓ ଜମିମାଲିକଙ୍କୁ ମିଳୁନି ଉପଯୁକ୍ତ କ୍ଷତିପୂରଣ କିମ୍ବା ସ୍ଥାୟୀ ସମାଧାନ । ପ୍ରଶାସନ ପାଖରେ ବାରମ୍ବାର ଗୁହାରି କରି ବୁଲ ବୁଲ ବର୍ଷ ବିତିଯାଇଥିଲେ ମଧ୍ୟ ସ୍ଥିତି ଯଥା ପୂର୍ବଂ ତଥା ପରଂ । ଶେଷରେ ନିରାଶ ଓ ଅତିଷ୍ଠ ହୋଇ ନିଜ ଜମିରୁ ଝରୁଦିନ ପାଇଁ ସୁରକ୍ଷିତ କରିବାକୁ ଯାଇ ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ କାଟି ଦେଇଛନ୍ତି ସ୍ଥାନୀୟ ଜମି ମାଲିକ । ଏଣୁକି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କୋଇଡ଼ାର ସର୍ଗିଗଡ଼ ନିକଟରେ । ସୂଚନାନୁଯାୟୀ, ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ, ନିକଟ ଅତୀତରେ ହାଲ ଟେଣ୍ଡ୍ ସର୍ଗେ ଅନୁସାରେ ସମ୍ପୂର୍ଣ୍ଣ ରାସ୍ତାରେ ବ୍ୟକ୍ତିଗତ ପଟ୍ଟାଧାରୀଙ୍କ ନାମରେ ଜମି ରହିଛି । ପଟ୍ଟାଧାରୀ ଏହା ଜାଣିବା ପରେ ସମସ୍ୟାର ସମାଧାନ ପାଇଁ ଗତ ମେ' ମାସ ୧୨ ତାରିଖରେ ବଣାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହାଜର ହୋଇ ଅଭିଯୋଗ କରିଥିଲେ । ଗୁରୁତ୍ୱପୂର୍ଣ୍ଣ ଆଲୋଚନା ମଧ୍ୟ ହୋଇଥିଲା । ସେହି ସମୟରେ ପ୍ରଶାସନ ତରଫରୁ ଜମି ପଟ୍ଟାଧାରୀମାନଙ୍କୁ ସମସ୍ୟାର ସମାଧାନ ପାଇଁ ମାତ୍ର ୭ ଦିନର ସମୟ ମଗାଯାଇଥିଲା । କିନ୍ତୁ ଆଜି ପ୍ରଶାସନର ସେହି ପ୍ରତିଶ୍ରୁତିକୁ ଏକ ମାସରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ଫଳାଫଳ ଶୂନ ରହିଛି । ପ୍ରଶାସନର ଏହାଙ୍କି ଉଦାସୀନ ମନୋଭାବକୁ ନେଇ କୋଇଡାର ସର୍ଗିଗଡ଼ ଓ ଦେହେରେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ପ୍ରକାଶ ପାଇଛି । ଶେଷରେ କୌଣସି ସୁଫଳ ନ ମିଳିବାରୁ, ଜମି ମାଲିକମାନେ ନିଜ ହକ ପାଇଁ ଓ ପ୍ରଶାସନର ପ୍ରତାରଣା ବିରୋଧରେ ନିଜ ଜମି ଉପରେ ଦେଇ ଯାଇଥିବା ରାସ୍ତାକୁ ଝରୁଦିନ ପାଇଁ କାଟି ଖୋଳି ଦେଇଛନ୍ତି, ଯାହା ଫଳରେ ଖଣି ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ସମ୍ପୃକ୍ତ ରାସ୍ତାଟି ଦେହେରେଇରୁ ରଣ୍ଡୁଆ ପର୍ଯ୍ୟନ୍ତ ଯାଇଥିବାରୁ ଅଜସ୍ର ଖଣି କମ୍ପାନୀର ପରିବହନ ଏବେ ବନ୍ଦ ରହିଛି । ଏବେ ଦେଖିବାକୁ ବାକି ରହିଲା, ଏହି ଖବର ପ୍ରକାଶିତ ହେବା ପରେ ଏହି ପ୍ରଶାସନ ଲୋକେ ରାସ୍ତା କାଟିବା ପରେ ସୁନ୍ଦରଗଡ଼ ଜିଲା ପ୍ରଶାସନ ଓ ବଣାଇଁ ଉପଜିଲାପାଳ କେବେ କୁମ୍ଭକର୍ଣ୍ଣ ନିଦ୍ରାରୁ ଜାଗୃତ୍ତନ୍ତି ଏବଂ ଏହି ନିରୀହ ଜମି ମାଲିକମାନଙ୍କୁ କେବେ ପ୍ରାପ୍ତ ନ୍ୟାୟ ମିଳୁଛି ।

ଯୋଗ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ଚିଲିକାବାଣପୁର, ୧୩/୦୬(ଆ.ପ୍ର): ଯୋଗ ମହୋତ୍ସବ ସମିତି ବାଣପୁର ଶାଖା ଦ୍ୱାରା ଯୋଗ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ମୋଟ କୋଡିଏ ଜଣ ଲାଲ ଭରଣି ଯୋଗ ବେଲଥେଲେ । ଏହି ଶିବିରରୁ ବାଣପୁର ସମିତିର

ସଂଯୋଜକ ଅଜୟ କୁମାର ଦାସ ପରିଚାଳନା କରିଥିଲେ ଏବଂ ସହ ସଂଯୋଜକ ଦୈତାରୀ ଚରଣ ବଳ ସହଯୋଗ କରିଥିଲେ । ଏହି ପ୍ରଶିକ୍ଷକମାନେ ଆସନ୍ତା ଜୁନ ଏକୋଇଶି ତାରିଖରେ ବିଭିନ୍ନ ପଂଚାୟତରୁ ଯାଇ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରଖାଯାଇଛି ।

ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୁଭାରମ୍ଭ

ଭଦ୍ରକ, ୧୩/୦୬ (ଆ.ପ୍ର) : ଆନ୍ତର୍ଜାତୀୟ ଶିଶୁ ଶ୍ରମିକ ବିରୋଧୀ ଦିବସ ଅବସରରେ ଶିଶୁ ଶ୍ରମିକ ଦୂରୀକରଣ ଏବଂ ଶିଶୁ ଅଧିକାର ସୁରକ୍ଷା ପାଇଁ ଶିଶୁ ଶ୍ରମିକ ସଚେତନତା ଅଭିଯାନ ଅବସରରେ ଜିଲ୍ଲାପାଳ,ଭଦ୍ରକଙ୍କ କାର୍ଯ୍ୟାଳୟରୁ 'ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ'କୁ ଜିଲ୍ଲାପାଳ, ଭଦ୍ରକ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ ।ଏହି ଅବସରରେ ମୁଖ୍ୟ ଜନ୍ସନ୍ନ ଅଧିକାରୀ ଶୁଭେନ୍ଦୁ ସାମଲ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ ଏବଂ ସାଧାରଣ) ରବିନାରାୟଣ ସାହୁ ଓ ସରୋଜ ବତ, ଜିଲା ଶ୍ରମ କମିଶନର ସଚିବାନନ୍ଦ ଜେନା, ଜିଲା ଶ୍ରମ ଅଧିକାରୀଶ୍ରୀ ପ୍ରେମମଂଜରୀ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସଙ୍ଗୀତା ପାଢୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ପୌର ନିର୍ବାହୀ ଅଧିକାରୀ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ବରେଣ୍ୟ ବ୍ୟକ୍ତିବିଶେଷ ଏବଂ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।ଶିଶୁ ଶ୍ରମିକ ଆଇନ,ଶିଶୁ ଅଧିକାର ଏବଂ ଶିକ୍ଷାର ଗୁରୁତ୍ୱ ଉପରେ ସଚେତନତା ପ୍ରସାର କରିବା ପାଇଁ ଏହି ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ୧୫ ଦିନିଆ ଅଭିଯାନ ସମୟରେ ଉତ୍କଳ ଜିଲ୍ଲାର ବିଭିନ୍ନ ସହରାଂଚଳ,ବ୍ଲକ ଏବଂ ଗ୍ରାମପଂଚାୟତରେ ଭ୍ରମଣ କରି ଶିଶୁ ଶ୍ରମିକ ମୁକ୍ତ ଓଡ଼ିଶା ଗଠନରେ ସହାୟକ ହେବ ।

ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୁଭାରମ୍ଭ

ପାରକାଖେମୁଣ୍ଡି, ୧୩/୦୬ (ଆ.ପ୍ର) : ଗଜପତି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥକୁ ଶୁଭାରମ୍ଭ କରାଯାଇଛି । ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ସାଲଗୁଡ଼ା ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିଶୁ ଶ୍ରମିକ ନିରାକରଣ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଶିଶୁ ଶ୍ରମିକ ନିରାକରଣ ନେଇ ବିଭିନ୍ନ ଆଇନ୍ ଓ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନତା କରାଯିବା ସହ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯିବ । ହୋଟେଲ, ଢାବାଦାର, ଦୋକାନୀ, କାରଖାନା, ଶିଳ୍ପ, ଇତି ଯେ କୌଣସି ସ୍ଥାନରେ ଶିଶୁ ଶ୍ରମିକ ମାନଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ ନ କରନ୍ତି ସେ ବିଷୟରେ ଏହି ରଥ ବିଭିନ୍ନ ସ୍ଥାନରେ ପରିକ୍ରମା କରି ଜନସାଧାରଣଙ୍କ ନିକଟରେ ସଚେତନତା କରାଇବ । ବିଭିନ୍ନ ସମୟରେ ପ୍ରଶାସନ ତରଫରୁ ଧରପଗଡ଼ କରାଯାଇ ମଧ୍ୟ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ଅଭିଭାବକ ବ୍ୟବସ୍ଥା ସହ ପାଠପଢ଼ା ଓ ଅନ୍ୟାନ୍ୟ ଦାୟିତ୍ୱ ସରକାରଙ୍କ ତରଫରୁ ବହନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଶ୍ରମ କମିଶନର ଭୁବନପୁର ବାବୁ ଚରଣ ପାତ୍ର, ଜିଲ୍ଲା ଶ୍ରମ ଅଧିକାରୀ ଅମିତ ନାୟକ, ଅତିରିକ୍ତ ଶ୍ରମ ଅଧିକାରୀ ମଦନ ମୋହନ ବୁଢୁ, ମାନସ ରଞ୍ଜନ ସାହୁ, ପ୍ରଯୁକ୍ତା ଶବର, ଜୁଯୋତି କିଶୋର ଗୌଡ଼, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ନିରୋଜ କୁମାର ସାମଲଙ୍କ ଜନ୍ମଦିନ ଅବସରରେ ବିଶାଳ ରକ୍ତଦାନ ଶିବିର ସହ ବୃକ୍ଷରୋପଣ

ବାସୁଦେବପୁର, ୧୩/୦୬ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ପରିସରରେ ଏକ ବିଶାଳ ରକ୍ତଦାନ ଶିବିର ସହ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି । ବାସୁଦେବପୁର ଆଇଆଇସି ନିରୋଜ କୁମାର ସାମଲଙ୍କ ଜନ୍ମଦିନ ଅବସରରେ ଆୟୋଜିତ ହୋଇଛି ବିଶାଳ ରକ୍ତଦାନ ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ । ଜନସେବା ଓ ପରିବେଶ ସୁରକ୍ଷାର ବାର୍ତା ଦେବାକୁ ଏହି ଅଭିନବ ପଦକ୍ଷେପକୁ ସ୍ଥାନୀୟ ଅଂଚଳରେ ଦେଖି ପ୍ରଶଂସା କରାଯାଇଛି । ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମନୋଜ ରାଉତଙ୍କ ନିର୍ଦ୍ଦେଶକ୍ରମେ ବାସୁଦେବପୁର ଥାନାରେ ଆଇଆଇସି ନିରୋଜ କୁମାର ସାମଲଙ୍କ ଜନ୍ମଦିନ ଅବସରରେ ଆୟୋଜିତ ହୋଇଥିବା ବିଶାଳ ରକ୍ତଦାନ ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ । ଆଜିର ଦିନରେ ଅନେକେ ଜନ୍ମଦିନକୁ ହୋଟେଲ କିମ୍ବା ଘରେ ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରୁଥିବା ବେଳେ ନିରୋଜ କୁମାର ସାମଲ ଜନସେବାକୁ ପ୍ରାଧାନ୍ୟ ଦେଇ ରକ୍ତଦାନ ଭଳି ମହତ କାର୍ଯ୍ୟର ଆୟୋଜନ କରିଥିଲେ । ଏହା ସମାଜ ପାଇଁ ଏକ ସକାରାତ୍ମକ ବାର୍ତା ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ । ରକ୍ତଦାନ ଶିବିରକୁ ପିଠା କାଟି ଉଦଘାଟନ କରିଥିଲେ ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ । ଏହି ଅବସରରେ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ, ଆଇଆଇସି ନିରୋଜ କୁମାର ସାମଲ, ଚିକିତ୍ସକ ମନୀଷ ମଲ୍ଲିକ, ଜଗବନ୍ଧୁ ବାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ସ୍ଥାନୀୟ ଲୋକମାନେ ଯୋଗଦେଇଥିଲେ । ରକ୍ତଦାନ ଶିବିର ସହ ପରିବେଶ ସୁରକ୍ଷାର ବାର୍ତା ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା । ସମସ୍ତେ ମିଳି ପରିବେଶ ସୁରକ୍ଷା ଓ ରକ୍ତଦାନ ଭଳି ମହତ କାର୍ଯ୍ୟରେ ଆଗେଇ ଆସିବାକୁ ଆହ୍ୱାନ ଜଣାଇଥିଲେ । ଜନ୍ମଦିନକୁ ସମାଜସେବା ସହ ଯୋଡ଼ି ଏଭଳି ଏକ ମହତ ପଦକ୍ଷେପ ନେଇ ବାସୁଦେବପୁର ଆଇଆଇସି ନିରୋଜ କୁମାର ସାମଲ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି । ଏହି ରକ୍ତଦାନ ରେ ୧୧୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି ।

ବ୍ୟବସାୟୀକ ଶତ୍ରୁତା : ଗାଡି ଚଢାଇ ହତ୍ୟା ଉଦ୍ୟମରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ବଣାଇଁ, ୧୩/୦୬ (ଆ.ପ୍ର) : ଲାଭୁଣିପଡା ଅଞ୍ଚଳ ଅଂଚଳର ଜଣେ ଯୁବ ବ୍ୟବସାୟୀଙ୍କୁ ଗତ ୧୯ ତାରିଖରେ ଗାଡି ବଦଳା ମାରିଦେବା ଉଦ୍ୟମ ଅଭିଯୋଗରେ ଶୁକ୍ରବାର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ଯାଦବ ବିଶ୍ୱଗୀ ଓ ତାଙ୍କ ଡ୍ରାଇଭର ଚନ୍ଦ୍ରାଇ ସିଂ । ଗାଡିଚାଲକ ନ୍ୟାୟ ସଂହିତା ଦଫା ୧୧୩(୨)-ସ୍ୱେଚ୍ଛାକୃତ ଭାବେ ଗୁରୁତର ଆଘାତ କରିବା/୧୦୯(୧)-ହତ୍ୟା ପାଇଁ ଚେଷ୍ଟା କରିବା ୩୫୧(୩)-ଅପରାଧି ଧମକ ଦେବା ଓ ୩(

ସୈତୋ ଆରମ୍ଭ
SEITHO ARAMBHA
ରବିବାର, ୧୪ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ନ୍ୟାୟପାଇଁ ଆହତ ପରିବାର ଏସପିଙ୍କୁ ଲିଖିତଭାବେ ଜଣାଇଲେ ଥାନାସମ୍ମୁଖରେ ୧୭ ତାରିଖରେ ଦେବେ ଧାରଣା

ନୀଳଗିରି, ୧୩/୦୬ (ଆ.ପ୍ର) : ଗତ ୧୦ତାରିଖ ଦିନ ଅପରାହ୍ନ ୫ଟା ସମୟରେ ନୀଳଗିରିରେ ହଠାତ୍ ପ୍ରବଳବେଗରେ ପବନ ବୋହିବା ସହିତ ବର୍ଷା ହୋଇଥିଲା । ଏହାର ପ୍ରଭାବରେ ନୀଳଗିରି ଥାନା ଅଧିନସ୍ଥ ପ୍ରତାପଡ଼ା ଗ୍ରାମର ମଙ୍ଗ ଓରଫ ମନୋରଞ୍ଜନ ମହାନ୍ତିଙ୍କ ନିଦ୍ରାବସ୍ଥାରେ ଥିବା ଶ୍ରୀଧର ରାଉତଙ୍କ ଛାତ ଉପରେ ଉପାଡି ହୋଇ ପଡ଼ିଥିଲା । ଏହାକୁ ନେଇ ମଙ୍ଗୁ ଓ ଶ୍ରୀଧରଙ୍କ ମଧ୍ୟରେ ପ୍ରଥମେ ପାଟିତୁଣ୍ଡ ହୋଇ ମାରପିଟି ଖେଳ ଥିଲା । ଏହା ଦେଖି ଶ୍ରୀଧର ରାଉତଙ୍କ ସ୍ତ୍ରୀ ସୁବାସିନୀ ଛଡ଼ାଇ ଥିବା ବେଳେ, ଅଭିଯୁକ୍ତ ମଙ୍ଗୁ ଓରଫ ମନୋରଞ୍ଜନ ମହାନ୍ତି, ତାଙ୍କ ପୁତ୍ର ବାପୁଜି ଓରଫ ସିଦ୍ଧାର୍ଥଶଙ୍କର ମହାନ୍ତି ମାଡ଼ମାରି ତାହାଣ ହାତ ଆଙ୍ଗୁଳି, ପିଠିରେ ଗଭୀର କ୍ଷତହୋଇ ଥିବା ନେଇ ଅଭିଯୋଗ କରିଥିଲେ । ଅପରପକ୍ଷରେ ଅଭିଯୁକ୍ତ ମନୋରଞ୍ଜନ ମହାନ୍ତି ଥାନାରେ ଶ୍ରୀଧର ରାଉତଙ୍କ ପୁଅ ରତିକାନ୍ତ(୩୪), ଲକ୍ଷ୍ମୀକାନ୍ତ(୩୨) ଓ ଶ୍ରୀଧରଙ୍କଝିଅ ଦିବ୍ୟଜ୍ୟୋତି (୨୯) ନାଁ ରେ ଅଭିଯୋଗ

କରିଥିଲେ । ଏନେଇ ନୀଳଗିରି ଥାନାରେ ପକ୍ଷରୁ ୨୬୨/୨୬୩ ମାମଲା ୨ଟି ମାମଲାରୁଜୁଡ଼ୋହୋଇଥିଲା ।ପୋଲିସ ମଙ୍ଗୁ ଓରଫ ମନୋରଞ୍ଜନ ମହାନ୍ତି ଓ ତାଙ୍କ ପୁତ୍ର ସିଦ୍ଧାର୍ଥ ଶଙ୍କର ମହାନ୍ତି ଠିକାଦାର କାର୍ଯ୍ୟରେ ନିଜେ କାଲ୍କ ନେଇ ଗାଁରେ ବୁଲୁ ଥିବା ବେଳେ, ରେମୁଣା ମେଡ଼ିକାଲ କଲେଜ ରେ ଚିକିତ୍ସା ହେଉଥିବା ଘଟଣା ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳ କଳ୍ପିତ ବୋଲି ସୁବାସିନୀ ଅଭିଯୋଗ କରିବା ସହିତ ଅଭିଯୁକ୍ତ ମନୋରଞ୍ଜନ ଓ ସିଦ୍ଧାର୍ଥ ୨ଜଣ ଠିକାଦାର କାର୍ଯ୍ୟ କରୁ ଥିବା ଫୋଟ ଗଣମାଧ୍ୟମକୁ ଦେବା ଘଟଣା ପରେ କେଉଁଠି ନାଁ କେଉଁଠି ନାକରିଣି ପୋଲିସର କାର୍ଯ୍ୟ ଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସୁବାସିନୀଙ୍କ ଏଭଳି ପଦକ୍ଷେପକୁ କଂଗ୍ରେସ, ସିପିଆଇ, ସିପିଏମ ବିରୋଧୀ ଦଳ ବିଜେଡି ସମର୍ଥନ ଜଣାଇ ଧାରଣା ରେ ବସିବା କଥା ଜଣାଇ ଦିଆଯାଇଛି । ଅପରପକ୍ଷରେ ଶ୍ରୀଧରଙ୍କ ସ୍ତ୍ରୀ ସୁବାସିନୀଙ୍କୁ ମନୋରଞ୍ଜନ ଅଶ୍ଳୀଳଭାଷାରେ ଗାଳିଗୁଳଜ କରିବା ସହିତ ମାଡ଼ ମାରି ଫଟାଲ ଦେଇଥିଲେ ସୁଦ୍ଧା ପୋଲିସ ଏକ ତରଫା ଭାବେ କାର୍ଯ୍ୟାନୁଷ୍ଠାନ ନେଇଥିବାରୁ ବିରୋଧକରି ପୁଅ ସୁଦୂରାଙ୍କୁ ନ୍ୟାୟଦେବା ସହିତ ମିଛରେ ଅଭିନୟ କଲୁଥିବା ମଙ୍ଗୁ ଓରଫ ମନୋରଞ୍ଜନ ମହାନ୍ତି ଓ ତାଙ୍କ ପୁତ୍ର ସିଦ୍ଧାର୍ଥ ଶଙ୍କର ମହାନ୍ତି ଠିକାଦାର କାର୍ଯ୍ୟରେ ନିଜେ କାଲ୍କ ନେଇ ଗାଁରେ ବୁଲୁ ଥିବା ବେଳେ, ରେମୁଣା ମେଡ଼ିକାଲ କଲେଜ ରେ ଚିକିତ୍ସା ହେଉଥିବା ଘଟଣା ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳ କଳ୍ପିତ ବୋଲି ସୁବାସିନୀ ଅଭିଯୋଗ କରିବା ସହିତ ଅଭିଯୁକ୍ତ ମନୋରଞ୍ଜନ ଓ ସିଦ୍ଧାର୍ଥ ୨ଜଣ ଠିକାଦାର କାର୍ଯ୍ୟ କରୁ ଥିବା ଫୋଟ ଗଣମାଧ୍ୟମକୁ ଦେବା ଘଟଣା ପରେ କେଉଁଠି ନାଁ କେଉଁଠି ନାକରିଣି ପୋଲିସର କାର୍ଯ୍ୟ ଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସୁବାସିନୀଙ୍କ ଏଭଳି ପଦକ୍ଷେପକୁ କଂଗ୍ରେସ, ସିପିଆଇ, ସିପିଏମ ବିରୋଧୀ ଦଳ ବିଜେଡି ସମର୍ଥନ ଜଣାଇ ଧାରଣା ରେ ବସିବା କଥା ଜଣାଇ ଦିଆଯାଇଛି । ଅପରପକ୍ଷରେ ଶ୍ରୀଧରଙ୍କ ସ୍ତ୍ରୀ ସୁବାସିନୀଙ୍କୁ ମନୋରଞ୍ଜନ ଅଶ୍ଳୀଳଭାଷାରେ

ପଙ୍କରୁ ପଦ୍ମ ଜାତ : ମୀନାରାଣୀଙ୍କ ପିଏଚଡି ଲାଭ ଅଂଚଳରେ ଖୁସିର ମାହଲ

ନୀଳଗିରି, ୧୩/୦୬ (ଆ.ପ୍ର) : ଏକ ମଧ୍ୟବିତ ପରିବାରର ଝିଅ ।ବହୁ ଆର୍ଥିକ ଅନଟନ ମଧ୍ୟରେ ପାଠ ପଢି ସ୍ନାତକୋତ୍ତର ଡିଗ୍ରୀ ପରେ ଗବେଷଣା କରି ଡକ୍ଟରେଟ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ମୀନାରାଣୀ ମଲ୍ଲିକ । ସୂତ୍ରରୁ ଜଣାଯାଇଛି, ବାଦା ସଂଚାଲିଙ୍ଗେଶ୍ୱର ସ୍ନାତକ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ. ଅକ୍ଷୟ କୁମାର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୀର୍ଘ ପାଂଚବର୍ଷ ଧରି ମୀନାରାଣୀ ଗବେଷଣା କରି, ଫକୀର ମୋହନ ବିଶ୍ୱବିଦ୍ୟାଳୟ ରୁ ଡକ୍ଟରେଟ ଲାଭ କରି ଛନ୍ତି । ତାଙ୍କର ଗବେଷଣା ବିଷୟ ଶୀର୍ଷକ 'ସାରସ୍ୱତ ସାଧକ ଡ.ରମାକାନ୍ତ ବେହେରା ଏକ ଆକଳନ' ଜଲ୍କ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓ ଓଡ଼ିଆ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶ୍ୱଭାରତୀ ଶାନ୍ତି ନିକେତନ, ପଶ୍ଚିମବଙ୍ଗର ପ୍ରଫେସର ସବିତା ପ୍ରଧାନଙ୍କ ଦ୍ୱାରା ଜଜ ପ୍ରଶଂସିତ ହୋଇଛି । ଡ. ମୀନାରାଣୀ ମଲ୍ଲିକ ହେଉଛନ୍ତି ମହୁ ମୁହାଣ ଗ୍ରାମ ପଂଚାୟତ, ଡାଲୁଡ଼ି ଗ୍ରାମ ନିବାସୀ ଶ୍ରୀଧର ମଲ୍ଲିକ ଓ ସଂଧ୍ୟାରାଣୀ ମଲ୍ଲିକଙ୍କ କନ୍ୟା ଅବଶ୍ୟ । ତାଙ୍କର ଏହି କୃତି ପାଇଁ ସେ ତାଙ୍କର ବାପା, ମା', ଗାଇଡ ଡ. ଅକ୍ଷୟ ପାଣିଗ୍ରାହୀ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟ ନିକଟରେ ନିଜର କୃତଜ୍ଞତା ଜଣାଇ ଛନ୍ତି ।

ରାଜ୍ୟ ସ୍ତରୀୟ ଜନକଲ୍ୟାଣ ଯୋଜନାରେ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କଲେ ଅନ୍ନପୂର୍ଣ୍ଣା ଯୋଜନା : ୫ ଲକ୍ଷ ୬୬ ହଜାର ହିତାଧିକାରୀ ପାଇବେ ସୁଫଳ

ବାଲେଶ୍ୱର, ୧୩/୦୬ (ଆ.ପ୍ର) : ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜନକଲ୍ୟାଣ ଯୋଜନା ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ ଇର୍ଚ୍ଚୁଆଲ ମାଧ୍ୟମରେ କରିଛନ୍ତି । ଏହି କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥି ରାଉରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇଥିବା ବେଳେ ଅନ୍ୟାନ୍ୟ ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ମାନସ କୁମାର ବଦ, ବଣ୍ଡା ବିଧାୟିକା ସୁବାସିନୀ ଜେନା, ସିମୁଳିଆ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର ମୁନିସିପାଲଟି ଅଧ୍ୟକ୍ଷା ସବିତା ସାହୁ, ଜିଲ୍ଲାପାଳ ସୂର୍ଯ୍ୟଦଂଶୀ ମୟୂର ବିକାଶ, ଜିଲ୍ଲା ମୁଖ୍ୟ ଜନୁମନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସଞ୍ଜୟ ନାୟକ (ଜିଲ୍ଲା ପରିଷଦ) ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସ୍ମିତା ନାୟକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତପନ କୁମାର ଖୁଂଟିଆ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ମୁଖ୍ୟ ଅତିଥି ସମେତ ଅନ୍ୟାନ୍ୟ ବରେଣ୍ୟ ଅତିଥିଗଣ ଜଗନ୍ନାଥଙ୍କ ମହିମାରେ ଧୂପ ଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୂର୍ଯ୍ୟଦଂଶୀ ମୟୂର ବିକାଶ ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଂଟିଆ ମଂଚ ପରିଚାଳନା କରିଥିଲେ । ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉପଲକ୍ଷେ 'ବିକାଶର ଧାରା, ଓଡ଼ିଶା ସାରା' କ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲଢକୋ ପଡିଆ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ କରିବା ଅବସରରେ ବରେଣ୍ୟ ଅତିଥି ଗଣ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ, ଜନ ହିତକାରୀ ଯୋଜନାର ସୁଫଳ ଉପରେ ଆଲୋଚନାପାତ କରିଥିଲେ । ସମଗ୍ର ରାଜ୍ୟରେ ଜଣେ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ବଂଚିତ ନ ହୁଅନ୍ତି ସେଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେବାକୁ ଅଗ୍ରହ ଦେଇଥିଲେ । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଓ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ପ୍ରତି ହିତାଧିକାରୀଙ୍କୁ ୧୦କିଲୋ ସଂପୂର୍ଣ୍ଣ ମାଗଣା ଚାଉଳ ପାଇବେ । ଏହି ଯୋଜନାର ପ୍ରମୁଖ ଉଦ୍ଦେଶ୍ୟ ଖାଦ୍ୟ ସୁରକ୍ଷାର ସୁନିଶ୍ଚିତତା । ଏଥିରେ ୫ ଲକ୍ଷ ୬୬ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ସୂଚକ ପାଇବେ । ଏହି ଅବସରରେ ମୁଖ୍ୟ ଅତିଥି ସାଂସଦ ଶ୍ରୀ ଷଡ଼ଙ୍ଗୀ ଜିଲ୍ଲା ପ୍ରଶାସନ ପକ୍ଷରୁ ହିତାଧିକାରୀଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ସରକାରଙ୍କ ଖାଦ୍ୟସ୍ୱ ସୁରକ୍ଷା ଯୋଜନାର ଯୋଗ୍ୟ ହିତାଧିକାରୀଙ୍କୁ ଖାଉଟୀ କାର୍ଡ ବଂଟନ ସହ ଅଙ୍ଗନୱାଡ଼ି କର୍ମୀଙ୍କୁ ମୋବାଇଲ ଫୋନ ମଧ୍ୟ ବିତରଣ କରିଥିଲେ । ଶେଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ (ଜିଲ୍ଲା ପରିଷଦ) ମୁଖ୍ୟ ଜନୁମନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସଞ୍ଜୟ ନାୟକ ସମସ୍ତଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

ଘରବାଡ଼ିକୁ ନେଇଁ ଭାଇ ଓ ଭଉଣୀର କଳହ ଅଭିଯୋଗ ଘଟଣାସ୍ଥଳରେ ମହିଳା କମିଶନରଙ୍କ ତଦନ୍ତ

ଲୋଗଗାଲ, ୧୩/୦୬ (ଆ.ପ୍ର) : ଲୋଗଗାଲ ବ୍ଲକ ଅଧୀନ ମହେଶପୁର ପଂଚାୟତ ସେଲି ଗ୍ରାମର ଏକ ପରିବାରରେ ଜମିବାଡ଼ିକୁ କେନ୍ଦ୍ରକରି ଭାଇ ଭଉଣୀଙ୍କ ମଧ୍ୟରେ ଲାଖିଣ କଳହ ହୋଇଥିବାର ଲୋଗଗାଲ ଥାନାରେ ଭଉଣୀ ପକ୍ଷରୁ ଅଭିଯୋଗ ହୋଇଛି । ଏହି କଳହ ଯୋଗୁଁ ବିଚାରିତା ଭଉଣୀ ନିଜ ଭାଇଙ୍କ ଓ ଭାଇଙ୍କୁ ଘରେ ପ୍ରବେଶ କରିବାକୁ ଦେଇନଥିବାରୁ ଥାନାରେ ଅଭିଯୋଗ ପରେ ସ୍ଥିତି ଗମ୍ଭୀର ହୋଇଛି । ଭାଇ ଓ ଭାଇଜ ଏବେ ନିରୁପାୟ ହୋଇ ବୟସ୍କାର ଅଭିଭାବକ ଏକ ଭାଡ଼ାଘରେ ଆଶ୍ରୟ ନେଇଛନ୍ତି । ସୂତ୍ରରୁ ପ୍ରକାଶ, ଉକ୍ତ ଗ୍ରାମର ଆରତୀ ନାୟକ ଓ ତାଙ୍କ ସ୍ୱାମୀ ବସନ୍ତ ନାୟକଙ୍କୁ ତାଙ୍କ ଭଉଣୀ ୪ ବର୍ଷ ଧରି ଜମିବାଡ଼ିକୁ କେନ୍ଦ୍ର କରି ଘରେ ପ୍ରବେଶ କରିବାକୁ ଦେଇନଥିବାର ଥାନାରେ ଅଭିଯୋଗ ହୋଇଛି । ଥାନା ଓ ଗ୍ରାମରେ ବାରମ୍ବାର ଏହି କଳହ ବୈଠକ ହୋଇ ସମାଧାନ ନହେବାରୁ ଆରତୀ ନାୟକ ମହିଳା କମିଶନରଙ୍କ ଦ୍ୱାରସ୍ଥ ହୋଇଛନ୍ତି । ମହିଳାଙ୍କ ଅଭିଯୋଗ କ୍ରମେ ରାଜ୍ୟ ମହିଳା କମିଶନର ଶୋଭାନା ମହାନ୍ତି, ପୋଲିସ ଓ ସମାଜସେବୀ ମାନେ ଶନିବାର ଉପସ୍ଥିତ ହୋଇ ସ୍ଥିତି ପରଖିଥିବା ବେଳେ ଉଭୟପକ୍ଷର ଅଭିଯୋଗ ଓ ଆଇନ ଗତ କାର୍ଯ୍ୟର ତର୍କ୍ୟମା କରିବା ସହିତ ଆସନ୍ତା ୨୧ ତାରିଖରେ ଉଭୟପକ୍ଷଙ୍କୁ ଡାକି ସମ୍ମାନ୍ତର ସ୍ଥାୟୀ ସମାଧାନ ନିମନ୍ତେ ରାଜି କରାଇଥିବାର ସୂଚନା ମିଳିଛି । ଏହି ଘଟଣାକୁ ନେଇଁ ଗ୍ରାମରେ ଚର୍ଚ୍ଚା ଜୋର ଧରିଛି ।

ପ୍ରେମୀ ଯୁଗଳଙ୍କ ମୃତ୍ୟୁ, ଶୋକାକୁଳ ପରିବେଶ ଗାଁ ଦାଣ୍ଡ

ସିମୁଳିଆ, ୧୩/୦୬ (ଆ.ପ୍ର) : ରାତି ପାହିଥିଲେ ପାଖିଡାଣ୍ଡେ ରଳପର୍ବ । ହେଲେ ବାନ୍ଦ ବୋଦାଳିରେ ଫାଟି ପଡ଼ୁଛି ଗାଁ ଦାଣ୍ଡ । ଜବାନ ପୁଅଟୀ ବିଷପାନ କରି ଦେଇ ମୃତ୍ୟୁ ବରଣ କରିଛି । ବନ୍ଧୁ ବାନ୍ଧବ, ସାଙ୍ଗ ସାଥି ସମ୍ପର୍କର ଆଖିରେ ଲୁହ, ଶେଷରେ ପାଥିବ ଶରୀର ଯୁଗ ନିଆଁରେ ଶେଷ । ଏଭଳି ପ୍ରେମର କରୁଣ ପରିଣତି ଦେଖିବାକୁ ମିଳିଥିଲା ସିମୁଳିଆ ଥାନା ଅନ୍ତର୍ଗତ ବାଟାରଖାଡ଼ି ଗଡିଆ ପଂଚାୟତର ଗୌରବିଦିଆ ଗ୍ରାମରେ । ସୀତାରାମୀ ସାହୁଙ୍କ ପୁଅ ସପନ କୁମାର ସାହୁ (୪୧)ବର୍ଷ ପୂର୍ବରୁ ପ୍ରେମ ବିବାହ କରି ବିବାହ କରିଥିଲେ । କିଛି ମାସ ହେବ ଉତ୍ତର କିଲ୍ଲା ବାଗୁବେଦପୁର ଥାନା ଅଂଚଳର ଜୋନିକା ଯୁବତୀ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଏ ସମ୍ପର୍କ ଏତେ ଗଭୀର

ହୋଇଥିଲା ଯେ ଦୁହେଁ ଦୁହିଁଙ୍କୁ ଅଲଗା କରି ରଖି ପାରୁ ନ ଥିଲେ । ଏ ସମ୍ପର୍କ କାରଣେ ପରିବାର ଲୋକେ ସ୍ୱୀକୃତି ଦେବେ କି ନାହିଁ ଭାବି ଭାବି ଦୁଇ ଜଣ ପୁଅ ଝିଅ ଯାଇଥିଲେ ଶ୍ର ଆଉ ସେଠାରୁ ଆଉ ଦୁହିଁଙ୍କ ଭିତରେ ଗଢି ଉଠିଥିବା ସମ୍ପର୍କ ବିବାହ ଆବଦ୍ଧ ନିମନ୍ତେ ଉଭୟଙ୍କ ପରିବାର ଠୁଁ ସ୍ୱୀକୃତି ମାଗିଥିଲେ । ଉଭୟଙ୍କ ପରିବାର ଲୋକ ଏ କାରଣରେ ଦୁହିଁଙ୍କୁ କୁଃଖାମୁଃଖା କରିଥିଲେ ବି ସେମାନେ ବିପନ୍ନ ହୋଇଥିଲେ । ଅନ୍ୟ ଉପାୟ ନ ପାଇ ପ୍ରେମୀ ଯୁଗଳ ଶେଷରେ ମୃତ୍ୟୁକୁ କାଛି ନେଇଥିଲେ । ଦୁଇଟି ପୁରାଗେ ଏକ ହୋଟେଲରେ ଏକା ସାଙ୍ଗରେ ବିଷପାନ କରିଥିଲେ । ଉଭୟଙ୍କୁ ଗୁରୁତର ଅବସ୍ଥାରେ ପୁରୀ ପରେ ଭୁବନେଶ୍ୱରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା । ମାତ୍ର ଅବସ୍ଥା ଅଧିକ ଗୁରୁତର ହେବାରୁ ଜଟକରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ତେବେ ଯୁବତୀ ଜଣଙ୍କ ମୃତ୍ୟୁ ସହ ସଂଘାତ କରି ବୁଧବାର ଦିନ ସପନର ମୃତ୍ୟୁ ହୋଇଛି । ଆଜି ସପନର ମୃତଦେହ ଗାଁ ଗୌରବିଦିଆକୁ ଆସିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।

ସାହିତ୍ୟ ସର୍ବଦା ସମାଜର କଲ୍ୟାଣ ସାଧନ କରେ : ପ୍ରାକ୍ତନ କମିଶନର ଡ. ଶୋଭନ କୁମାର କର

ନୀଳଗିରି, ୧୩/୦୬ (ଆ.ପ୍ର) : ଗବେଷଣାର ଅର୍ଥ ତୀକ୍ଷ୍ଣ ଅସୀଧାରେ ବାଟ ଚାଲିବା । ଅନୁସନ୍ଧାନ କରିବା ହିଁ ଗବେଷଣା ।ସାହିତ୍ୟାର ଗବେଷଣା ପାଠାଗାରରେ ହୁଏ । ବିଜ୍ଞାନର ଉତ୍ତାଳନ ପରୀକ୍ଷାଗାରରେ ହୁଏ । ଶୌଣସି ଗବେଷଣାର ଅନ୍ତଃ ନାହିଁ । ସାମାଜିକ ଦୃଷ୍ଟିର ଅନ୍ତରାଳରେ ବହୁ ତଥ୍ୟ ଉଦ୍ଭିଛି । ସତ୍ୟର ଆବିଷ୍କାର ହିଁ ଗବେଷଣା । ସାହିତ୍ୟରେ ସର୍ବଜନୀନ ସତ୍ୟ ନାହିଁ । ଗବେଷକର ଅନ୍ତରଦୃଷ୍ଟି ଗବେଷଣାକୁ ଦୃଢ଼ କରେ । ଅନୁଶୀଳନ ପୂର୍ବରୁ ଅନୁଭବ ନିହିତ ଥିବା ଆବଶ୍ୟକ । ଗବେଷଣା ପାଇଁ ସୂକ୍ଷ୍ମ ଅବବୋଧ ଲୋଡା । ଗବେଷକ ସର୍ବଦା ଆବଶ୍ୟକୀୟ ଅନୁସନ୍ଧାନ ସହ ପ୍ରାମାଣିକ ଦୃଷ୍ଟିଭଙ୍ଗୀ ଉପରେ ଗୁରୁତ୍ୱଦାନ କରେ । ସିଦ୍ଧାନ୍ତରେ ମୌଳିକତା ପ୍ରକାଶ ପାଏ । ବିଷୟ ନିର୍ବାଚନରୁ ଆରମ୍ଭ ହୋଇ ଲିଖନରେ ସମାପ୍ତି ଘଟେ । ଅନୁସନ୍ଧାନ ଓ ସିଦ୍ଧାନ୍ତର ସମ୍ମିଳିତ ରୂପ ହିଁ ଗବେଷଣା । ଗୋଟିକ ଜ୍ଞାନ ଓ ଜିଜ୍ଞାସାରୁ ସାହିତ୍ୟ ଗବେଷଣା ଗୁରୁତ୍ୱ ଦିଏ । ଗବେଷଣାରେ ସାମାଜିକ ପ୍ରାସଙ୍ଗିକତା ଜରୁରୀ । ଗବେଷଣାରେ ଶୀର୍ଷକର ଔଚିତ୍ୟ ଲୋଡା । ମୂଳ ଉତ୍ସ ଓ ସହାୟକ ଉତ୍ସରେ ନୂତନ ବିଚାରଧାରା ପ୍ରକାଶ ପାଏ । ସ୍ୱତନ୍ତ୍ରର ବିଶ୍ଳେଷଣ ଜାତି ଦର୍ଶନ ସମ୍ଭବ ନୁହେଁ । ଇତିହାସ



କଳା ଓ ସାହିତ୍ୟର ଜ୍ଞାନ ଉତ୍ସ । ତଥ୍ୟ ବିଚାରରେ ବିଶ୍ଳେଷଣ ପଦ୍ଧତି ଲୋଡା । ସାହିତ୍ୟ ସୈଜ୍ଞାନିକ ବିଜ୍ଞାନ ନୁହେଁ । ଗବେଷଣା ପାଇଁ ସର୍ବଦା ଆଦର୍ଶଗତ ଦୃଷ୍ଟିଭଙ୍ଗୀ ଲୋଡା । ଗବେଷଣାର ଲକ୍ଷ୍ୟ ସତ୍ୟ ଆବିଷ୍କାର କରିବା । ସାହିତ୍ୟିକ ଗବେଷକ ଭାବବାଦୀ ହୋଇଥାଏ । ସର୍ବୋପରି ଅନୁଭୂତି ନୁହେଁ ମାର୍ମିକ ଶକ୍ତି ଲୋଡା ବୋଲି ସ୍ୱର୍ଗତୁଡ଼ ସାହିତ୍ୟ ପରିବାରର ଏକାଶ୍ରହ ବକ୍ତବ୍ୟ ଆଲୋଚୀ ପାଠକକୁରେ ଆଲୋଚକ ବିଶିଷ୍ଟ ସାମାଲୋଚକ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପରିବାରର ସମ୍ପାଦକ ଡ଼ ପ୍ରବୀସ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କୁମାରୀ ଜ୍ୟୋତିପ୍ରଭା ଦାସ ସ୍ୱାଗତ ସଂଗୀତ ଗାନ କରିଥିବାବେଳେ ଭାରତର ଆୟକର ବିଭାଗର ପ୍ରାକ୍ତନ କମିଶନର ଶୋଭନ କୁମାର କର ଅତିଥି ଭାବରେ ଯୋଗଦେଇ ସାହିତ୍ୟ ହିଁ ସମାଜର କଲ୍ୟାଣ କରେ ବୋଲି ପ୍ରକାଶ କରିଥିଲେ । ଶେଷରେ ବଲାଙ୍ଗୀର ସି ଏନ ସି ମହାବିଦ୍ୟାଳୟର ଅଧ୍ୟାପିକା ପଲୁବିନି ମିଶ୍ର ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି ଆସରରେ ବହୁ ଶ୍ରୋତା ଯୋଗଦାନ କରିଥିଲେ ।

ଭଦ୍ରକ ଜିଲ୍ଲାରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଭବ୍ୟ ଶୁଭାରମ୍ଭ

ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିଲେ ଜିଲ୍ଲାବାସୀ

ଭଦ୍ରକ, ୧୩/୦୬ (ଆ.ପ୍ର) : ରାଜ୍ୟର ପ୍ରତ୍ୟେକ ଗରିବ ଓ ଅଭାବୀ ପରିବାର ପାଇଁ ଖାଦ୍ୟ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ବହୁ ପ୍ରତୀକ୍ଷିତ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ୧୨/୦୬/୨୦୨୬ ରେ ଉତ୍ତର କାଞ୍ଚନ ଲଜ୍ ପରିସରରେ ଭାବୀ ଭାବେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଜନସା

ପ୍ରକାଶନ
ଆରମ୍ଭ
SEITHO ARAMBHA
ରବିବାର, ୧୪ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ସୁରକ୍ଷା

ଓଡିଶାରେ ମୁଖ୍ୟତଃ ବନ୍ୟା ଓ ବାତ୍ୟା ପ୍ରତିବର୍ଷ ବାଷ୍ପୀ ଦୁଃଖର କାରଣ ହେବା ସହିତ ସବୁଦିନ ପାଇଁ ତା'ର ଆର୍ଥିକ ମେରୁଦଣ୍ଡ ଦୋହଲାଇ ଦେଇଥାଏ । ସାଧାରଣତଃ ଆମ ରାଜ୍ୟରେ ବର୍ଷା ଆରମ୍ଭ ହେବା ମାତ୍ରେ ବନ୍ୟା ଅଧୁଷିତ ଅଂଚଳରେ ବନ୍ୟା ହେବାର ଆଶଙ୍କା ଉତ୍ପନ୍ନ ହୋଇଥାଏ । ବନ୍ୟାରେ ରାଷ୍ଟ୍ରାୟତ୍ତରେ ପାଣି ଜମି ଜଳୁଥିବାରୁ ଯାତାୟାତରେ ଅସୁବିଧା ହେବା ସହିତ ବିଜିନ୍ସ ସେବା ପ୍ରଦାନ କରିବାରେ ବିଘ୍ନ ଘଟିଥାଏ । ବନ୍ୟା ସମୟରେ ମଣିଷଙ୍କ ଜୀବନଧାରଣରେ ବିଜିନ୍ସ ସମସ୍ୟାମାନଥିବାରୁ ସେମାନେ ଜୁହପାଳିତ ପ୍ରାଣୀଙ୍କର ସୁରକ୍ଷା ତଥା ଯତ୍ନ କରା ପ୍ରାୟତଃ ଭୁଲିଯାଇଥାନ୍ତି । କିନ୍ତୁ ବନ୍ୟା ସମୟରେ ଏହି ପ୍ରାଣୀଙ୍କର ଠିକ୍ ପରିଚାଳନା କରାଯାଇପାରିଲେ, ବନ୍ୟା ପରେ ଏହି ପ୍ରାଣୀ ସମ୍ପଦ ଜୀବନ ଜୀବିକାର ଆଧାର ହୋଇପାରିବ । ତେଣୁ ପ୍ରାଣୀ ସମ୍ପଦର ସୁରକ୍ଷା ପାଇଁ ବନ୍ୟା ପୂର୍ବରୁ, ପରେ ତଥା ବନ୍ୟା ସମୟରେ ଆବଶ୍ୟକ ପଦକ୍ଷେପମାନ ନେଇପାରିଲେ ବାଷ୍ପୀମାନଙ୍କର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇପାରିବ । ଗୁହାଳ ନିର୍ମାଣ ସମୟରେ ବିଜିନ୍ସ ଦିଗ ପ୍ରତି ଧ୍ୟାନ ଦେବା ଦରକାର । ଗୁହାଳଟିର ଚଟାଣ ଯଥେଷ୍ଟ ଉଚ୍ଚ । ଲାଗାରେ ହେବା ଆବଶ୍ୟକ ଯେପରିକି ବନ୍ୟା ପାଣି ପ୍ରବେଶ କରିପାରୁ ନ ଥାଏ । ଯଦି ଏହା ସମ୍ଭବ ନ ହୁଏ ତେବେ ବନ୍ୟା ପୂର୍ବରୁ କିଛି ଆଶ୍ରୟସ୍ଥଳୀ ଚୟନ କରିନେବା ଦରକାର । ଆଶ୍ରୟସ୍ଥଳୀକୁ ପ୍ରାଣୀମାନଙ୍କର କରାଯିବାର ପରିକଳ୍ପନା ପ୍ରସ୍ତୁତ କରିନେବା ପ୍ରୟୋଜନ । ଗୁହାଳର ଚାଳ ବା ଛାତ କାନ୍ଥ ଠାରୁ ୨ ଫୁ ୩ ଫୁଟ୍ ଅଧିକ ଓ ନୁଆଣିଆ ହେଲେ ବର୍ଷା ପାଣି ଗୁହାଳ ଭିତରେ ପ୍ରବେଶ କରିପାରି ନ ଥାଏ । ଗୁହାଳ ଠାରୁ ଖତଗଡା ଓ ନଡା ଗଦା ଦୂରରେ ରଖିବା ନିହାତି ଦରକାର । ଗୁହାଳର ଚାରି ପାଖରେ କୌଣସି ନୀଚା ବା ପାଣି ଜମି ରହୁଥିବା ଯାଗା ନ ରଖିବା ବିଧେୟ । ଚାଳ ଛପର ଘର ହୋଇଥିଲେ ବର୍ଷାଦିନ ପୂର୍ବରୁ ଛାଉଣି କାମ ସାରିଦେବା ଆବଶ୍ୟକ । ମାଟି ଗୁହାଳ ହେଉଥିଲେ ବନ୍ୟା ପୂର୍ବରୁ ମୋଟା ପଲିଥିନଟିଏ ଛିଣ୍ଡି ରଖିଥିବା ଜରୁରୀ । ବନ୍ୟା ସମୟରେ ଗୋରୁମାନଙ୍କର ପାଣି ଜମି ରହୁଥିବାରୁ ଗୋରୁଙ୍କର ଖାଦ୍ୟ ଅଭାବ ଦେଖାଯାଇଥାଏ । ତେଣୁ ବନ୍ୟା ପୂର୍ବରୁ କିଛି ଘାସ କାଟୀୟ ଖାଦ୍ୟ ଓ ପାଇ ବା ନଡା ସାଇତି ରଖିନେବା ଦରକାର । ବନ୍ୟା ସମୟରେ ପ୍ରାଣୀଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ହୋଇଯିବାଫଳରେ ବହୁ ମାତ୍ରାମୂଳ ତଥା ସଂକ୍ରମଣ ଜନିତ ରୋଗମାନ ବ୍ୟାପିଥାଏ । ତେଣୁ ବନ୍ୟାର ଯଥେଷ୍ଟ ପୂର୍ବରୁ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଗୋରୁଗାଈମାନଙ୍କର ସାଇାଣ, ବଳକଳିଆ ଓ ଫାଟୁଆ ରୋଗ ପାଇଁ ଟିକାଲଗାଇ କରାଇଦିଅନ୍ତୁ । ନିଜସ୍ୱ ପ୍ରାଣୀ ଚକିତ୍ସା କେନ୍ଦ୍ରରେ ଗୋବର ପରାଶାକାରି କୃମି ନିହତ ହୋଇ ଶ୍ରେଷ୍ଠ ଖାଦ୍ୟଭାବୁ ଦେବା ଦରକାର । ମୃତ୍ୟୁଜନିତ କ୍ଷତିରୁ ମୁକ୍ତି ପାଇବା ପାଇଁ ପ୍ରାଣୀବୀମାର ସହଯୋଗ ନିଅନ୍ତୁ । ପ୍ରାଣୀବୀମା କରିବା ପାଇଁ ପ୍ରାଣୀ ଚକିତ୍ସା କେନ୍ଦ୍ର ସହ ଯୋଗାଯୋଗ କରିବା ଦରକାର । ବନ୍ୟା ଘେରରେ ଥିବା ପ୍ରାଣୀଙ୍କୁ ବୁଡରୁ ସ୍ଥାନାନ୍ତରଣ କରାଇବା ଦରକାର । ଗୋରୁଙ୍କୁ ବାହାରକୁ ଚାଲି ଗୁହାଳରେ ବାନ୍ଧିରଖିବା ଅତ୍ୟାବଶ୍ୟକ । ଗୁହାଳରୁ ପାଣି ସମ୍ପୂର୍ଣ କରି ବିଶେଷତ୍ର ଦ୍ରବ୍ୟ ଯଥା ବ୍ଲିଚି ପାଉଡର, ନୂନ ପାଉଡର, ଫିନାଇଲ, ପୋଟାସିୟମ୍ ପରମାଂଗାନେଟ୍ ଦ୍ରବଣ ଆଦିରେ ଭଲଭାବରେ ଧୋଇବା ବିଧେୟ । ଧୋଇସାରିବା ପରେ ଯଦି ଚଟାଣ ଓଦା ଥାଏ ତେବେ ପାଉଁଶ, ବାଲି, ଲରେଡ ଚୂର୍ଣ୍ଣ ଦ୍ୱାରା ଶୁଖିଲା । ଅଥା ପକାଇଦେବା ଦରକାର । ବର୍ଷାରେ ଗୋରୁଙ୍କୁ ଓଦା ଲଗନ୍ତୁ ନାହିଁ । ବର୍ଷା ପାଣି ଛିଟାରୁ ପ୍ରାଣୀମାନଙ୍କୁ ଦୂରେଇ ରଖିବା ପାଇଁ ଗୁହାଳ ଘରଟିର ଖାଲିଥିବା ଜାଗା ଗୁଡିକୁ ଶୁଖିଲା । ଅଥା, ବା ମୋଟା ପଲିଥିନରେ ଘୋଡେଇ ରଖିବା ପ୍ରୟୋଜନ । ପାଣି ଜମି ରହିଥିବାରୁ ମଶା, ମାଛି, ଚାଉଁଶ ତଥା ଅଣୁଜୀବାଣୁମାନଙ୍କ ବଂଶ ବୃଦ୍ଧି ଘଟିଥାଏ । ଏହି ଅଣୁଜୀବମାନେ ଯଥା ଜୀବାଣୁ, ଭୂତାଣୁ, ଜଳକ ଓ ଅନ୍ୟାନ୍ୟ ପରଜୀବୀମାନେ ଗୋଷ୍ଠୀଦରେ ଗୋରର କାଳକ ଓ ବାଛକ ହିସାବରେ କାମ କରିଥାନ୍ତି । ବନ୍ୟା ସମୟରେ ମୁଖ୍ୟତଃ ପିଇବା ପାଣି ଓ ଖାଦ୍ୟର ସୁପରିଚାଳନା କରାଯିବା ନିହାତି ଜରୁରୀ । କାରଣ ଏହି ଦୁଇଟି ମାଧ୍ୟମରେ ରୋଗ ବ୍ୟାପିବାର ଅଧିକ ଆଶଙ୍କା ଥାଏ । ପାଣି ପିଇବାକୁ ଦେବା ପୂର୍ବରୁ ଉତ୍ତମ ପାଣି ଓ ପାଣି ପାତ୍ରକୁ ବିଶୋଧିତ କରାଇଦେବା ବିଧେୟ । ପାଣି ପାତ୍ରକୁ ପାଉଁଶରେ ମାଡି ସଫା କରାଯାଇପାରିବ ଓ ପାଣି ବିଶୋଧନ ପାଇଁ ବିଜିନ୍ସ ରାସାୟନିକ ପଦାର୍ଥ ଯଥା ବ୍ଲିଚିଂ ପାଉଡର, ନୂନ ପାଉଡର, ପଟିକିରି ପାଉଡର , ଗ୍ଲୋରିନ୍ ବଟିକା, ହାଇପୋନ୍ ବଟିକା ଆଦି ବ୍ୟବହାର କରାଯାଇଥାଏ । ଏହାର ମାତ୍ରା ବ୍ୟବହାର ହେବାକୁଥିବା ଜଳର ଗୁଣାତ୍ମକ ମୂଲ୍ୟ, ରାସାୟନିକ ଉପାଦାନର ମାତ୍ରା ଓ ପ୍ରଯୁକ୍ତିକରଣ ବିଧା ଉପରେ ନିର୍ଭର କରିଥାଏ । ଅନୁମାନ ହିସାବରେ ଗୋଟିଏ ବାଲଟି ପାଣିରେ ୫ଗୁ ୭ଟି କ୍ଲୋରିନ୍ ବା ହାଇପୋକ୍ଲୋରାଇଟ ବଟିକା ବା ୪ ରୁ ୬ ଗ୍ରାମ୍ ଚୂନ ପାଉଡର ବା ୧୦୦ ଗ୍ରାମ୍ ଫି ଟିଚିରି ପାଉଡର ବା ୫ ରୁ ୧୦ ଗ୍ରାମ୍ ମୁଟିଂ ପାଉଡର ପକାଇ ବିଶୋଧିତ କରାଇନେବା ଆବଶ୍ୟକ । ପାଣିକୁ ଫୁଟାଇବା ପରେ ଛାଣି ପିଇବାକୁ ଦିଆଯାଇପାରିବ । ଗଛୀର ନଳକୂପର ପରିଷ୍କାର ପାଣି ମଧ୍ୟ ପାନୀୟ ଜଳ ହିସାବରେ ବ୍ୟବହାର କରାଯାଇପାରିବ । ସାଧାରଣତଃ ବନ୍ୟା ପୂର୍ବରୁ ରଖିଥିବା ଶୁଖିଲା । ଖାଦ୍ୟ, ଘାସ, ନଡା, ପରିବା ଚୋପା ଆଦି ବନ୍ୟା ସମୟରେ ଖାଇବାକୁ ଦିଆଯାଇଥାଏ ।

ରଜପାନ

॥ ଜ୍ୟୋତ୍ସ୍ନା ମହାପାତ୍ର ॥

ପ୍ରାଚୀନ ବନ୍ଧନ ହେଉଛି ପାନ । ପ୍ରୀତି, ପ୍ରେମ, ବନ୍ଧୁତାର ହିଁ ଲକ୍ଷଣ ଏ ଦେଶରେ ନିର୍ଦ୍ଧାରିତ କରାଯାଇଛି । ଦିଏ, ନିଏ, ଖାଏ, ଖୁଆଏ, ଗୋପନ କଥା କହେ ଓ ପଚାରେ, ଏ ଛଅଟି ଆନ୍ତରିକତା ଓ ନିବିଡ଼ତାର କଥା । ଭୋଜନ ଶେଷରେ ତାମ୍ବୁଳ ସେବା ଏକ ପ୍ରାଣମୟ ବ୍ୟବସ୍ଥା । ଏ ଜାତିର ଠାକୁର ବଡ଼ ଠାକୁର ଶ୍ରୀଜଗନ୍ନାଥ ପ୍ରତିଦିନ ଭୋଜନାନ୍ତେ ତାମ୍ବୁଳ ସେବା କରି ନିଦ୍ରା ଯାଆନ୍ତି । ପାନ ହେଉଛି ମୁଖବାସ, ପରିତୋଷ । ରଜ ସହିତ ପାନ ଯୋଡ଼ି ହେବା ପଛରେ କଥା ଅଛି, ଏହା ବନ୍ଧୁତାର ଡୋରିକୁ ସୁଦୃଢ଼ କରିବ । ରଜରେ ଝିଅମାନେ ସମସ୍ତଙ୍କୁ ପାନ ଦବାନ୍ତଦା କରିଥାନ୍ତି । ଆୟୁର୍ବେଦ ଶାସ୍ତ୍ର ଅନୁସାରେ ପାନକୁ କୀର୍ତ୍ତିକ୍ରମ ଏବଂ କୃମି ନାଶକ । ପାନରେ ଦିଆଯାଇଥିବା ଚୂନ ଲୌହଶକ୍ତି ପୂର୍ଣ୍ଣ (କ୍ୟାଲସିୟମ୍) ଓ ଖଇର ଦାନକୁ ମଜଭୁତ କରିଥାଏ । ପାନ ଖାଇଲା ବେଳେ ପତ୍ରରୁ ଶିରା ଛେଦନ କରାଯାଇଥାଏ କାରଣ ପାନଶିରା ହେଉଛି ବୃଦ୍ଧି ବିନାଶିନୀ । ରଜପାନର ଚମତ୍କାର ଓ ମାଳକ ସାରା ବର୍ଷର ପାନକୁ ବଢିଯାଏ, ଜଳ ଆଲୁଣ୍ଡାଣକୁ ଆହୁରି ମୁଗ୍ଧକର କରିନିଏ । ରଜପାନରେ ଗୁଆ, ଅନେଳଚ, ଗୁଳୁଗାଡି, ଲଜା ଧନିଆ, ଚାଉଳ ଓ ନଡ଼ିଆ ଖଣ୍ଡ, ଚେରି, ଲବଙ୍ଗ, କଦାବଚିନି, କୁଆ, ପାନ ମାଳୁରି, ସୁବାସିତ, ଲାମ୍ପ୍ରାନ କେଶର, ଖଇର ପରି ୧୦ରୁ ୧୨ ପ୍ରକାର ମସଲା ବ୍ୟବହୃତ ହୁଏ । ଏହାକୁ ବିଜିନ୍ସ ଢଙ୍ଗରେ ତ୍ରିଭଙ୍ଗି, ଚତଭଙ୍ଗି ଆକୃତି ଦେଇ ଉପରେ ଲବଙ୍ଗ ଖୋସି ଅତି ସୁନ୍ଦର ଭାବେ ଆଳିରେ ସଜାଇ ଦିଆଯାଏ । ସାଧାରଣ ଦିନର ପାନଠାରୁ ରଜପାନର ସ୍ୱାଦ ସ୍ୱତନ୍ତ୍ର । ରଜ ଆସିଲେ ବଜାରରେ ମଧ୍ୟ ପାନର ଦର ବଢ଼ିଯାଏ । ଚଳନ୍ତି ଢ଼ଙ୍ଗ ଅଛି - 'ପାନଖୁଆ ରସିକ ପାଟି, ଖୋଳି କୁଲୁଥିଲା ଲାଜୀଙ୍କ ହାତୀ, ବ୍ୟାଜି ଦେଇଗଲା ଶିରରେ, ରାଜା ହୋଇଗଲା ରଜରେ ।'

ପାନ ହେଉଛି ଓଡ଼ିଶାର ପ୍ରାଣ । ପ୍ରାଚୀନ ଓଡ଼ିଶାରୁ ପାନର ସୃଷ୍ଟି ଆଉ ଏହା ଆମ ସଂସ୍କୃତି ସହ ନିବିଡ଼ ହୋଇ ରହିଛି - କାହିଁ ଜେଉଁ କାଳରୁ । ଏମିତିକି ଓଡ଼ିଶାର ଲୋକ ଦେବତା ଜଗନ୍ନାଥଙ୍କର ମଧ୍ୟ ବିଜିଷ୍ଟ ପାନ ଖଣ୍ଡେ ନହେଲେ ନଚଳେ । ପାନ ଜାହାର ପ୍ରିୟ ନୁହେଁ ଯେ । ନ ଖାଇଲା ଲୋକଙ୍କୁ ସାଧା ଖୁଲିପାନ ଖଣ୍ଡେ ଦେଲେ ସେ ବି ଖୁସିରେ ଖାଇଦେବ । ଆଉ ରଜ କଥା ପୁରା ଅଲଗା । ପୁଣି ରଜପାନର ସ୍ୱାଦ ବି ଖୁବ୍ ରୁଚିକର । ପ୍ରେମ, ପ୍ରିତୀ ଓ ପ୍ରଣୟର ପ୍ରତୀକ ଏଇ ପାନ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚନାରେ ଏମିତି ବି ବର୍ଣ୍ଣନା ରହିଛି - 'ସେ ଯେବେ କରିବେ ମାନ, ଲାଜି ଭୁଞ୍ଜାଇବି ପାନ, ଗଣ୍ଡେ ଦେଇଲେ ଚୁମ୍ବନ, ହସନ୍ତ ମୁଁ କରାଇବି, ମଲ୍ଲାମାଳ ଶ୍ୟାମକୁ ଦେବି ମନ ତୋଷିବି ।' ପାନ ଖାଉଥିବା ଝିଅଙ୍କ ଓଷ୍ଠାଧାରର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ । ପାନ ଦିଆ ନିଆରେ ସମ୍ପର୍କ ବଢ଼େ, ପ୍ରେମରେ ପୂର୍ଣ୍ଣତା ଆଣେ ପାନ । ନୂଆ ବୋହୂଟିଏ ଘରକୁ ଆସିଲେ ଗା'ର ଶାଶୁ, ସାଲପଡ଼ିଶୀ ପ୍ରଥମେ ପାନ ଲଙ୍ଗାର ପରାଙ୍କା ନେଇଥିଲେ । ଗୁରୁଜନମାନଙ୍କୁ ନିଜ ହାତଲଙ୍ଗା ପାନ ପରଷିଦେଇ ବୋହୂଟି ମଥାନୁଆଁଇ ପ୍ରଣାମ କରୁଥିଲା ।

ତେଣୁ ପାନ ଓଡ଼ିଶା ସଂସ୍କୃତିର ଛତ୍ରେ ଛତ୍ରେ ରହିଛି । ଚଳପର୍ବରେ ସାରୀ ସଜାଡ଼, ମଳର, ରଜନଙ୍କ ସହିତ ପାନଲଙ୍ଗା ଓ ପରଷର ଆଦାନପ୍ରଦାନ ଓଡ଼ିଶା ଘରର ଚଳଣିରେ ଗ୍ରାମୀଣ ଜୀବନର ଧାରାକୁ ଏବେ ବି ଜଡ଼ିଜାତ କରି ରଖୁଛି । ପାନ ଖାଇ ରଜବୋଳିରେ ବସି ଝିଅମାନେ ରଜପାନର ଗୀତ ବୋଲିବା ପରିବେଶକୁ ଖୁବ୍ ଆମୋଦିତ କରିଥାଏ । 'ବାଉଁଶ ଅଗରେ ଧାନ, ମୁଁ ଦେବି ପରସା ଖାଇବୁ ପାନ, ମୋ ରଜନ ମିଚଲୋ, ଏବେ ଚାଲିଯିବା ବୃନ୍ଦାବନ । ଉଇଁ ଆସେ ନୂଆ ଜହ୍ନ, ଚାଲ ଯିବା ମିଶି ଜୁଆଖାତାନ, ମୋ କାଳିମୋନାଲୋ, ଆମେ ସେଇଠି ଖାଇବା ପାନ ।' ପାନ ଖଣ୍ଡକରେ କିଣି ହୋଇଯାଏ ମନ । ମୁଖର ସୌନ୍ଦର୍ଯ୍ୟ ଓ ବାସ ବୃଦ୍ଧି କରିଥାଏ ଚାଲି ପାନର ଅଳ୍ପ ନାମ ମୁଖରସ । ପୁଣି ରଜ ଖେଳ ଭିତରେ ବି ପାନ ପଶି ଆସିଛି । ବୟସ୍କ ଓ ମହିଳାଙ୍କ ତାସ ଖେଳରେ ଜକାପାନ ଓ ନାଲିପାନର ଆଧ୍ୟା ଖୁବ୍ କମେ । ଏବେ ଘରେ ଘରେ ରଜପାନ । ରଜ ସମୟରେ କେବଳ ଜଗଜ ଭୁବନେଶ୍ୱର ନୁହେଁ ଗାଉଁର ସବୁଠି ପାନ ବୋଳାନୀ ଜଳିଜି ଭଳି ରଜ ପାନର ପସରା ମେଲାଳ ବସିଛନ୍ତି । ସେମାନେ ଖାସ୍ ରଜପାନ ହିଁ ଡିଆରି କରୁଛନ୍ତି । ପାନରେ ଗୁଆ, ଚୂନ, ଖଇର ସହ ଅନ୍ୟାନ୍ୟ ବ୍ୟବହୃତ ମସଲା ସବୁର ଖୁବ୍ ଖାଉଧୀୟ ଗୁଣ ରହିଛି । ରଜକ ସଂହିତାରେ ପାନରେ ଗୁଆ, କର୍ପୂର, ଜାଇଫଳ, ଲବଙ୍ଗ, କଲୋଜ ଓ ଗୁଳୁଗାଡି ଦିଆଯାଇଥିବା ପାନ କଥା କୁହାଯାଇଛି । ଏ ସବୁ ମସଲା ପାନର ସ୍ୱାଦ, ସୁଗନ୍ଧ ଓ ସୁବାସ ନେଇ ଆସିଥାଏ । ପାନର ମୁଖ୍ୟ ଉପାଦାନ ଗୁଡିକ ହେଲା - ପାନ, ଚୂନ, ଗୁଆ, ଖଇର, ଲବଙ୍ଗ, ଗୁଳୁଗାଡି, ଅନେଳଚ, ଜାଇତ୍ରୀ, ଜାଇଫଳ, ଖୁଡ଼ିଡ଼ି ନଡ଼ିଆ, ବାଦାମ, କର୍ପୂର, କଦାବ ଚିନି, କେଶର, ଜାଇତିନି, କସ୍ତୁରୀ, ଗୁମା ତଜଳ, ଲୁପାତଦଳ, ଶୁଣ୍ଠି, ଅଦା, ଚନ୍ଦନ, ମାଢ଼ୁଲୁଙ୍ଗ, ପିପରମେଣ୍ଟ, ଲବଣୀ, ନଖ ଓ ପୁରାମାଂସ । ଏ ସବୁ ପାନ ମସଲାଦେଇ ଖୁବ୍ ଜଳିଗଲେ ମୋଡ଼ାସାଏ ପାନ, ଆଉ ଏଥିରେ ଲବଙ୍ଗ ଗୁଞ୍ଜି ବଢ଼େଇ ଦିଆଯାଏ । ଆଧ୍ୟାତ୍ମ ସ୍ୱାଦନକୁ । ଏମିତି ଲୋକ ଅଛନ୍ତି, ଯେଉଁମାନେ ପାନଖଣ୍ଡେ ନ ହେଲେ କାମ ଜରି ପାରନ୍ତି ନି । ତେବେ କଡ଼ାପାନ ନିଶ୍ଚୟ ସ୍ୱାସ୍ଥ୍ୟପକ୍ଷେ ଖୁବ୍ କ୍ଷତିକାରକ । ପାନ ଖାଇ ବି ଅନେକ ସମୟରେ ଅଷ୍ଟାଙ୍ଗ ପରଷା ସାରିଦିଏ । ତଥାପି ପାନର ମନ୍ଦତ୍ୱ ଖୁବ୍ ବେଶୀ, ଯେତେବେଳେ ଏହା ମନରେ ସମ୍ପାତି ଓ ପ୍ରେମଭାବ ଆଣି ଆବେଗକୁ ଉତ୍ତେଜିତ କରେ ।

ପାନ ଏବେ ଦଶ ଟଙ୍କାରୁ ଆରମ୍ଭ କରି ଦେଢ଼ଶହ ଟଙ୍କା ପର୍ଯ୍ୟନ୍ତ ମିଳୁଛି ସବୁଆଡ଼େ । ନିଆଳି, କାଳକପୁର ଅଞ୍ଚଳରୁ ଏଠାକୁ ଆସୁଛି ପାନ, ପୁଣି ପାନମସଲା ଆସୁଛି ଦିଲ୍ଲୀ ଓ କଲକତାରୁ । ବଜାରସ ଓ ଗାଞ୍ଜିର ପାନ ବି ଏଠାକୁ ଆସୁଛି ବିକ୍ରି ପାଇଁ । କାମ୍ପ୍ରାନ ଓ ଗୁଳକରର ଚାହିଦା ବି ଓଡ଼ିଶା ବଜାରରେ ଖୁବ୍ । ରାଜଧାନୀରେ ପାନ ବୋଳାନ କରି ହଜାର ହଜାର ଲୋକ ପେଟପୋଷଣ ଦେଖୁଛନ୍ତିବେଳେ - ଏବେ ସେମାନଙ୍କର ଜଳବଳାର ଦେଖି ଜମିଛି । ବୋଳାନୀମାନେ ଢ଼େର ମିଠା ମସଲା ଲଗାଇଲେ ରଖୁଛନ୍ତି । ଘରେ ଘରେ ବି ବୟସ୍କ ଲୋକ ପାନ ଲାଗି ଅତିଥି ବର୍ତ୍ତା କରୁଛନ୍ତି । ଝିଅଙ୍କର ଏବେ ପାନଖୁଆର ଢେଉ ।

ଚକ୍ଷାମହିର ମାର୍ଗ, କଟକ-୧

ଭଗବାନ ଶ୍ରୀ ପୁରୁଷୋତମ : ସର୍ବସମ୍ମତ ପୁରୁଷୋତମ ଏକାଦଶୀ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

'ଗଣ୍ଡୌବ ଡାଣ୍ଡଂ ସ୍ଥର ଏକଧ୍ୱନୀ, ବିଂଶ ରୂ ବିଦ୍ୟୈବ ଗୁଣାସ୍ତୁ ରୂପମ । ମାସେସୁ ସର୍ବେଷୁ ତଥୈବ ସାକ୍ଷାନ୍ - ମାସୋତ୍ତମାଃୟଂ ପୁରୁଷୋତ୍ତମମୋ ହି ।।' - ବୃହଦ୍ ନାରଦୀୟ ପୁରାଣ, ୨୦/୬୮ । ସର୍ବସମ୍ମତ ପୁରୁଷୋତ୍ତମ ଏକାଦଶୀ ହେଉଛି ଏକ ପୁଣ୍ୟତମ ଦିନ । ଏହାକୁ ଶୁକ୍ଳପକ୍ଷ ଏକାଦଶୀ ଭାବରେ ଜେଉଁ କେଉଁ କହିଥାନ୍ତି । ଏ ସମ୍ବନ୍ଧରେ 'ପଦ୍ମପୁରାଣ'ରେ ଯୁଧିଷ୍ଠିର-ଶ୍ରୀକୃଷ୍ଣଙ୍କ କଥପୋକଥନ ରହିଛି । ଏହି ଏକାଦଶୀ ଦିନ ନିର୍ଜଳା ଉପବାସ ଜରି ବ୍ରତ ଧାରଣ ପୂର୍ବକ ବିଷ୍ଣୁ ସ୍ୱରୂପ ଭଗବାନ୍‌ଙ୍କୁ ବ୍ରତପାଳନକାରୀମାନେ ପ୍ରାର୍ଥନା କରିଥାନ୍ତି । ବିଶ୍ୱାସ ରହିଛି ଏହାଦ୍ୱାରା ଲୋକ ଓ ମୋକ୍ଷ ଉଭୟ ପ୍ରାପ୍ତ ହୋଇଥାଏ । ପୁରୁଷୋତ୍ତମ ମାସ ବା ମଳ ମାସ ଯାହାର ଅଧିପତି ବା ମାଲିକ ହେଉଛନ୍ତି ସ୍ୱୟଂ ଶ୍ରୀପୁରୁଷୋତ୍ତମ । ଅନେକଙ୍କ ଭିତରେ ପ୍ରଶ୍ନ ଜାଠେ ଯେ ଏହି ପୁରୁଷୋତ୍ତମ କିଏ ? ପ୍ରେମମୟ ଶ୍ରୀକୃଷ୍ଣ ଓ ମହାପ୍ରଭୁ ଶ୍ରୀଜଗନ୍ନାଥ ଉଭୟ ପୁରୁଷୋତ୍ତମ । ତାଙ୍କ ଭିତରେ କୌଣସି ପ୍ରଭେଦ ନାହିଁ । ଶ୍ରୀମଦ ଭାଗବତ ଗୀତରେ ଭଗବାନ କୃଷ୍ଣ 'ପୁରୁଷୋତ୍ତମ ଯୋଗରେ' ସବୁ ଉଲ୍ଲେଖ କରିଛନ୍ତି । ଏ ସମ୍ପର୍କରେ 'ବୃହଦ୍ ନାରଦୀୟ ପୁରାଣ' ପୁରୁଷୋତ୍ତମ ମାସର ମାହାତ୍ମ୍ୟ ସମ୍ପର୍କରେ ଉଲ୍ଲେଖ ରହିଛି । ଏଥିରେ ଉଲ୍ଲେଖ ରହିଛି ଯେ ମହାବାହୁ ପୂର୍ବଜନ୍ମ ପଂଚଂହୁନ୍ମ ପୁରାଣ ପୁରୁଷ ସ୍ୱୟଂ ପୁରୁଷୋତ୍ତମ ଶ୍ରୀକ୍ଷେତ୍ରରେ ଚିରାଳମାନ । ସେ ହିଁ ପଂଚଂହୁନ୍ମ । ଏହି କୃପାସିନ୍ଧୁ ପୁରୁଷୋତ୍ତମ ହିଁ ଆମର ଶ୍ରୀଜଗନ୍ନାଥ ।

ହେଲେ ସଂସ୍କୃତ ବୃହଦ୍ ନାରଦୀୟ ପୁରାଣରେ ଏହାକୁ ପୁରୁଷୋତ୍ତମ ମାସ ବୋଲି ଦର୍ଶାଯାଇ ଏହାର ମାହାତ୍ମ୍ୟ ବର୍ଣ୍ଣନା କରାଯାଇଅଛି । ଏହି ସମୟକୁ ଅଶୁଦ୍ଧ ଳାଳ ବୋଲି ଅନେକେ କହିଥାନ୍ତି । ବିଶେଷକରି ଅଷାଢ଼ ମାସ ମଳମାସ ହେଲେ ତା ପୂର୍ବତି ଅଷାଢ଼ ମାସ ପଡ଼ିଲେ, ତାହା ଅଶୁଦ୍ଧ ବୋଲି ସଂସ୍କୃତ ଶାସ୍ତ୍ରମାନଙ୍କରେ ବର୍ଣ୍ଣନା ରହିଛି । ଏହି ମାସକୁ ପବିତ୍ର କରିବା ପାଇଁ ମହାପ୍ରଭୁ ଏକ ଦିବ୍ୟସ୍ତୁତିକୁ ଗମନ କରିବାର ଶାସ୍ତ୍ରରେ ବର୍ଣ୍ଣନା ରହିଛି । ସେହି ଦିବ୍ୟସ୍ତୁତିରେ ସେ ମଙ୍ଗଳକାଳକ ହୋଇଥିବାରୁ ମହାପ୍ରଭୁଙ୍କୁ ସର୍ବ ମଙ୍ଗଳ କୁହାଯାଏ ବୋଲି ବୃହଦ୍ ନାରଦୀୟ ପୁରାଣରେ ବ୍ୟାଖ୍ୟା କରାଯାଇଛି । ମଳମାସକୁ ଦେବଥିବା କଥା ଅନୁଯାୟୀ ବାଦୁଡ଼ହୁ ହିଁ ସମସ୍ତ ମଳକୁ ପାଳନ କରିବା ପାଇଁ ନିତ୍ୟ ଗୋଲକକୁ ଗମନ କରନ୍ତି । ଏହି ଗମନ ଲାଳକୁ ଶ୍ରୀଜଗନ୍ନାଥଙ୍କ ଉପାଦାନର ନବଳେଳେବର ଲୀଳା କୁହାଯାଉଛି । ଏଣୁ ଏହି ପୁରାଣ ମତରେ ମନ ମାସକୁ ଅମୃତ ମାସରେ ପରିଣତ କରିବା ପାଇଁ ମହାପ୍ରଭୁ ଅପ୍ରକଟ ଲୀଳା କରିଛନ୍ତି ।

ମଳମାସ ବା ଅଧିକ ମାସ ଆରମ୍ଭ ହୁଏ, ସଂପୂର୍ଣ୍ଣ ସାଧାରଣ ମାସ ଅମାବାସ୍ୟାର ପରଦିନ, ଅର୍ଥାତ୍ ଶୁକ୍ଳ ପକ୍ଷ ପ୍ରତିପଦରୁ । ଏଣୁ ମଳ ମାସରେ ଶୁକ୍ଳ ପକ୍ଷ ଏକାଦଶୀ ହେଉଛି ପୁରୁଷୋତ୍ତମ ମାସର ପ୍ରଥମ ଏକାଦଶୀ ଯାହାର ନାମ 'ପଦ୍ମିନୀ ଏକାଦଶୀ' । ପୁରୁଷୋତ୍ତମ ମାସର ଶୁକ୍ଳ ଏକାଦଶୀ ପଦ୍ମିନୀ ଏକାଦଶୀ ନାମରେ ପରିଚିତ । ମହାପ୍ରଭୁ ପୁରୁଷୋତ୍ତମଙ୍କ ନାମରେ ମନମାସ ପହୁଞ୍ଚିବାରୁ ଶ୍ରୀଜଗନ୍ନାଥ ପୁରୁଷୋତ୍ତମ ହେଉଛନ୍ତି ସେ ମଧ୍ୟ ପୁରୁଷୋତ୍ତମ ନାମରେ ଏହି ମଳମାସର ଅଧିପତି ହୋଇଥାନ୍ତି । 'କାଳକ ଗୋଧ୍ୟ ପରିଶିଷ୍ଟ' ଉଲ୍ଲେଖ ରହିଛି 'ପୁନ୍ଦଂ ମଳମାଖ୍ୟ ପ୍ରାଜ୍ ଯତ୍ ଜର୍ମନ୍ ସମାପିତମ୍ । ଆଗତେ ମଳମାସେଂପି ତତ୍ ସମାପ୍ତମସଂଶୟନ୍ ।'ଭଗବାନ ଶ୍ରୀଜଗନ୍ନାଥଙ୍କ ମନମାସ ଆମ ସମ୍ମୁଖକୁ ଆଶୀର୍ବାଦ ପ୍ରଦାନ କରୁ ଓ ସମସ୍ତଙ୍କର ଅଭିଷ୍ଟ ସିଦ୍ଧି ପ୍ରାପ୍ତ ହେଉ । ପୁରୁଷୋତ୍ତମ ମାସ ଶୁକ୍ଳପକ୍ଷର ଜାମଗ୍ରା ଏକାଦଶୀରେ ଭଗବାନ ଶ୍ରୀପୁରୁଷୋତ

ପ୍ରାୟୋଗିକ ସମୀକ୍ଷା-୩୫

ପ୍ରଶାନ୍ତ ଦାସଙ୍କ କବିତା 'ଉଡ଼ା ପକ୍ଷୀ'

କୃଷ୍ଣ କୁମାର ମହାନ୍ତି

▸▸କବିତା: 'ଉଡ଼ା ପକ୍ଷୀ'
▸▸କବି: ପ୍ରଶାନ୍ତ ଦାସ
▸▸ପ୍ରକାଶନ : 'ବେଦବାଣୀ', ଅଗ୍ରୁଣ ସଂଖ୍ୟା-୨୦୨୬
ପ୍ରଶାନ୍ତ ଦାସଙ୍କ 'ଉଡ଼ା ପକ୍ଷୀ' : ମୁକ୍ତିର ଛାଟ ଓ ସଚ୍ଚର-ବୃତ୍ତ

କବି ପ୍ରଶାନ୍ତ ଦାସଙ୍କ 'ଉଡ଼ା ପକ୍ଷୀ' ଦେଖିବାକୁ ସରଳ ଲାଗେ, କିନ୍ତୁ ଏହା ମଣିଷ ଅସ୍ତିତ୍ୱର ଗଭୀର ଅନ୍ତର୍ଦ୍ଦ ଛାଡ଼ାର ଦାର୍ଶନିକ ଯାତ୍ରା । କବି ପକ୍ଷୀକୁ ବୃତ୍ତର ଚରି ଅମ ଭିତରେ ସ୍ୱତନ୍ତ୍ରତା, ଆତର୍ଦ୍ଦମାତ୍ମ ଓ ବିଜୁଡ଼ିହୁଏ ମଣିଷକୁ ଦେଖାଇଛନ୍ତି ।

୧. ମୁକ୍ତିର ଉଚ୍ଚାସ ଓ ଆତର୍ଦ୍ଦମାତ୍ମ

"ଉଡ଼ା ପକ୍ଷୀ ଗଛେ /ଦେଖା ଗାଛେ /ରବିବା ବାଟେ ଖୋଳେନି / ଛାଡ଼ୁଗାଳ ପତ୍ର ।"

କବିତା ଆରମ୍ଭରୁ ପକ୍ଷୀକୁ କବି ଶବ୍ଦଙ୍କ ମୁକ୍ତ କରିଦିଅନ୍ତି । 'ବାଟ ଖୋଳେନି' ଅର୍ଥ ଗାର କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ, କୌଣସି ସୀମା ନାହିଁ । 'ଛାଡ଼ୁଗାଳ ପତ୍ର' ଖୋଳେନି - ଅର୍ଥାତ କୁଣ୍ଠା ଓ ପ୍ରତ୍ୟିକ ଆକର୍ଷଣ ତାକୁ ବାନ୍ଧିପାରେନି । ଏହାପରି ଲୋମାଂଚିତ୍ କବିମାନଙ୍କର ଆଦର୍ଶ ମୁକ୍ତି । ପକ୍ଷୀ ହେବେ ରବିବା ପାଇଁ ଜନ୍ମିଛି, ଜୀବନକୁ ପରଚାରେ କରିବା ପାଇଁ ଜନ୍ମିଛି ।

"ଅନନ୍ତ ଜାଳିମା / ନାଚ ପାଉଲିକୁ ଶ୍ରମୁଦ୍ଧୁରା / ବର୍ଷମୟ ଶୂନ୍ୟ ଗଗନ
ପାଖେଇଯାଉ ଦିଏ ତାକୁ
ଜୀବନ ମନ୍ତ୍ର ।
ବଦଳାଇ ଦିଏ
ଆଖି ଆଗ ଚିତ୍ରୁ ।
ଶୂନ୍ୟରେ ସବୁ ସମାନ ।
ଗଗନ ପଶ୍ଚିମ
ପୂର୍ବ ପଶ୍ଚିମ
ଏକଥା ଜାଣେମା ପକ୍ଷୀ ।
ବେଶା ଠିକେ
ଶତ୍ତ ଜହାଜ
ଆକୁଆ ଅଶ୍ରାରେ
ଦିନ ଓ ରାତି ।
ଯେଉଁ ବେଶାମାନେ
ଶତ୍ତି ସାମର୍ଥ୍ୟ ନ ମାପି
ରବିବା ନିଶାରେ ଭରତି
ଅନନ୍ତ ଜହାଜ ।
କେବେ କେବେ
ମହିଦିରେ ପାର୍ଥିବ ହୁଏ
ତାଙ୍କ ମନରେ ସ୍ୱପ୍ନ ।
ସେମାନଙ୍କ ଆହୁରୁ
ଅଦୃଶ୍ୟ ହୁଏ
ପାବନ୍ତର ମାଟି
ଜହୁ ଜହୁ
ଶୂନ୍ୟରେ ଦିଶଶା ଜହାଜ
ପବନ ଆଁରେ
ଜହେରେ ଆଗାଛି
ଜେହେ ଉଡ଼ା ପକ୍ଷୀ ।

ଖୋଳେନି / ଛାଡ଼ୁଗାଳ ପତ୍ର ।"

କବିତା ଆରମ୍ଭରୁ ପକ୍ଷୀକୁ ଶବ୍ଦଙ୍କ ମୁକ୍ତ କରିଦିଅନ୍ତି । 'ବାଟ ଖୋଳେନି' ଅର୍ଥ ଗାର କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ, କୌଣସି ସୀମା ନାହିଁ । 'ଛାଡ଼ୁଗାଳ ପତ୍ର' ଖୋଳେନି - ଅର୍ଥାତ କୁଣ୍ଠା ଓ ପ୍ରତ୍ୟିକ ଆକର୍ଷଣ ତାକୁ ବାନ୍ଧିପାରେନି । ଏହାପରି ଲୋମାଂଚିତ୍ କବିମାନଙ୍କର ଆଦର୍ଶ ମୁକ୍ତି । ପକ୍ଷୀ ହେବେ ରବିବା ପାଇଁ ଜନ୍ମିଛି, ଜୀବନକୁ ପରଚାରେ କରିବା ପାଇଁ ଜନ୍ମିଛି ।

"ଅନନ୍ତ ଜାଳିମା / ନାଚ ପାଉଲିକୁ ଶ୍ରମୁଦ୍ଧୁରା / ବର୍ଷମୟ ଶୂନ୍ୟ ଗଗନ
ପାଖେଇଯାଉ ଦିଏ ତାକୁ
ଜୀବନ ମନ୍ତ୍ର ।
ବଦଳାଇ ଦିଏ
ଆଖି ଆଗ ଚିତ୍ରୁ ।
ଶୂନ୍ୟରେ ସବୁ ସମାନ ।
ଗଗନ ପଶ୍ଚିମ
ପୂର୍ବ ପଶ୍ଚିମ
ଏକଥା ଜାଣେମା ପକ୍ଷୀ ।
ବେଶା ଠିକେ
ଶତ୍ତ ଜହାଜ
ଆକୁଆ ଅଶ୍ରାରେ
ଦିନ ଓ ରାତି ।
ଯେଉଁ ବେଶାମାନେ
ଶତ୍ତି ସାମର୍ଥ୍ୟ ନ ମାପି
ରବିବା ନିଶାରେ ଭରତି
ଅନନ୍ତ ଜହାଜ ।
କେବେ କେବେ
ମହିଦିରେ ପାର୍ଥିବ ହୁଏ
ତାଙ୍କ ମନରେ ସ୍ୱପ୍ନ ।
ସେମାନଙ୍କ ଆହୁରୁ
ଅଦୃଶ୍ୟ ହୁଏ
ପାବନ୍ତର ମାଟି
ଜହୁ ଜହୁ
ଶୂନ୍ୟରେ ଦିଶଶା ଜହାଜ
ପବନ ଆଁରେ
ଜହେରେ ଆଗାଛି
ଜେହେ ଉଡ଼ା ପକ୍ଷୀ ।

♥ ମଣିଷ ପଦ, ଗାସପୁରାନଦନ, ଦାଉଲେଶ୍ୱର

ଉଡ଼ା ପକ୍ଷୀ

ପ୍ରଶାନ୍ତ ଦାସ

ଉଡ଼ା ପକ୍ଷୀ ଗଛେ
ଦେଖା ଗାଛେ
ରବିବା ବାଟେ ଖୋଳେନି
ଛାଡ଼ୁଗାଳ
ପତ୍ର ।
ଅନନ୍ତ ଜାଳିମା
ନାଚ ପାଉଲିକୁ ଶ୍ରମୁଦ୍ଧୁରା
ବର୍ଷମୟ ଆଖା
ତାକୁ କରେ ଆନମନା ।
ଅଥରା ଦିଗ୍‌ବଳୟ
ପ୍ରଶାନ୍ତ ପବନ ଈର୍ଷରେ
ହୁଏ ସେ ବିରୋଧ ।
ଖୋଲା ଆକାଶ
ତା ପାଇଁ ପଗଣା
ପବନ ତା ଖେଳଣା ।
ସୂର୍ଯ୍ୟାସ୍ତ କର୍ତ୍ତାଳି
ସୂର୍ଯ୍ୟାଦୋଷ ପଣ୍ଡିତା
ଅଜ୍ଞକନ୍ଥ ଶାତକତା
ଜୁଟାଁରେ ଜଳୁଛିତ ସେ ।
କେବେ କେବେ ବି
ଆକାଶ
ମାୟା ମୋହରେ
ବଦ୍ଧ ହୁଏ ଉଚାପଛା
ଭୁଲେ ମାଟି ମାନ୍ତ୍ର
ଗଛ ଓ ପୃଥିବୀ ।
"ଅନନ୍ତ ଜାଳିମା / ନାଚ ପାଉଲିକୁ ଶ୍ରମୁଦ୍ଧୁରା / ବର୍ଷମୟ ଶୂନ୍ୟ ଗଗନ
ପାଖେଇଯାଉ ଦିଏ ତାକୁ
ଜୀବନ ମନ୍ତ୍ର ।
ବଦଳାଇ ଦିଏ
ଆଖି ଆଗ ଚିତ୍ରୁ ।
ଶୂନ୍ୟରେ ସବୁ ସମାନ ।
ଗଗନ ପଶ୍ଚିମ
ପୂର୍ବ ପଶ୍ଚିମ
ଏକଥା ଜାଣେମା ପକ୍ଷୀ ।
ବେଶା ଠିକେ
ଶତ୍ତ ଜହାଜ
ଆକୁଆ ଅଶ୍ରାରେ
ଦିନ ଓ ରାତି ।
ଯେଉଁ ବେଶାମାନେ
ଶତ୍ତି ସାମର୍ଥ୍ୟ ନ ମାପି
ରବିବା ନିଶାରେ ଭରତି
ଅନନ୍ତ ଜହାଜ ।
କେବେ କେବେ
ମହିଦିରେ ପାର୍ଥିବ ହୁଏ
ତାଙ୍କ ମନରେ ସ୍ୱପ୍ନ ।
ସେମାନଙ୍କ ଆହୁରୁ
ଅଦୃଶ୍ୟ ହୁଏ
ପାବନ୍ତର ମାଟି
ଜହୁ ଜହୁ
ଶୂନ୍ୟରେ ଦିଶଶା ଜହାଜ
ପବନ ଆଁରେ
ଜହେରେ ଆଗାଛି
ଜେହେ ଉଡ଼ା ପକ୍ଷୀ ।

♥ ମଣିଷ ପଦ, ଗାସପୁରାନଦନ, ଦାଉଲେଶ୍ୱର

ଭାଇ ମୋଉଗାଡ଼ି । ଭାଇଆମ୍ବକୁ ବାଜିରେ ଖାଲି ପାଣି ଆଉ ପାଣି । ରାସ୍ତାରେ ବୁଲା ବୁଲୁବୁଲିଏ ବି ଚେତ ନ ମିଳିବା ଭଳି ନିର୍ଜନତା । ଖାଲିଆରା ପାଖ ସାରୁବୁଦା ମୁକଳୁ ଅଷ୍ଟାଦ୍ ଦେଙ୍ଗମାଳଙ୍କର ଦେଁହଦଗ, ସେତେବ ଗଣ୍ଡୁଲେ ବୋଧେ ଲାଗୁଥାଆ ଓ ପ୍ରଥମ ପ୍ରାଣଶୂନ୍ୟ !

ଜେତେବେଳୁ ଚୋକାନ ବଦ ବଣି ଚାଲିଯାଇଥି ବେଶୁ ଆଉ ତା' ଧଳାବଣ୍ଡା ଗଳାଖମାଳର ବି । ଦୋଥି ନଙ୍ଗୋହବଣ୍ଡା ପାଣୁ, ଏଣ୍ଟ ଅଧାରେଣ୍ଟ ଲୋକଙ୍କ ଚିତ୍ତା ବଣିବ କାହିଁକି ? ବଦ' ଏଇ ଅଲିଆଲି ନିର୍ବାଚନ ପାଇଁ ତା' ସେତେବେ ଲାଭ ବାଜିଛି । ବୁଢ଼ ଟିକି ଧଳି ଜାମ ଅଚଳ, ଚଣ୍ଡୁ ତା ମନ ଭଳ ରହୁନାହିଁ । ଜାମ ନ ମିଳିବା ଯୋଗୁଁ ଚେତେଲେ ଚଟାକଳ ଦେବା ଭଳି ପରିସ୍ଥିତି ବିଶିଲାଣି । ସେତେବେ ମାଣ୍ଡୁ, ତା' ଭାଉଜ, ତୁଲି ଦୁଇ ଦୁଇ ଦୁଇ ବୁଢ଼ାବ ଛାଡ଼ୁଛି "ଯୋଗନମ୍ବାଣ୍ଡା ଯଦି ପୁଣି ପାରିବୁଟି, ସଂସାର ମେଲେଇବୁ ଜାଇଁ ? ସେତେବେଳକୁ ବୁଢ଼ାରା ମାଣ୍ଡୁଛୁଆ ଏବେ ବାଧୁଛି ନାହିଁ ?"

ଏହାପ ଦାଙ୍କାମୁଡ଼ି ଶୁଣୁଶୁଣୁ ପାଣ୍ଡୁ, ଜଁ ବି ଟୁଁ ପାଟି ଫିଟାଏଁ । ତଙ୍କାରେ ଲୋକରାଜ ମାର୍ଚ୍ଚ ଯେତେବେଳେ ଜଣ ବା ବସିଥାଆ ଥାଆ । ମଣ୍ଡୁଙ୍କୁ ଶୁଆର କରି ପଣ୍ଡ ଭଲେଇ ଆଣିଥିଲା । ଏବେ ଜଣ ଜଁ ଚଣ୍ଡି ଟିପିଦେବ ? ଏତିକିବେଳେ ଖାଲଦା ଆଡ଼ି ପାଖରେ ପରର ବର୍ଷର ପୁଅଟା ତା' ର ମାର୍ଚ୍ଚ ଏବେ, ସେଇ ପାଲୁଲଙ୍କ ପରୋଷରେ । ଏତିକି ଭାବି ସେ ଗୋଟ୍ ଲୋଗ୍‌ରେ ଜାଡ଼ିକାକୁ ଲାଗିଲା ।

- କିଏ ? କିଏ ସେଟି ?

ବର୍ଷ ଲାଇବ୍‌ର ବୁଲ ଧାଳ ଆଲୁଅ ଆଣି ପଡ଼ିଲା ପାଣ୍ଡୁର ମୁହଁ ଉପରେ ।

ଶୋଇବା ଜାଗାରୁ ଧଡ଼ପଡ଼ ହେଇ ଉଠି ପଡ଼ିଲା ପାଣ୍ଡୁ ।

- ପଳାଉଛି ପଲା ! କିଏ ସେଟି ?

- ମୁଁଇ ପାଣ୍ଡୁ, ପାଣ୍ଡୁ ମୋଦେରର ।

ଆଉ ତିକେ ସ୍ପଷ୍ଟ ହେଲା ସେହ ଚଟ୍‌ଟଳାଳର ମୁହଁ..

- ଆରେ ପାଣ୍ଡୁ ମୋରେ ଜ ଜୋଲୁଥିବୁ ଆଜୀ ।

- ହଁ.. ହଁ.ହଁ.ହଁ.ହେଲାଣି ବି ସାରେବ !

ଅଳ ଅଳ କଣ୍ଟରେ ପଳାଇଲା ପାଣ୍ଡୁ ।

- ଅଥକ ମା ମା କିଛି ଜେମିତି ଚରେନି । କଥା କଣ ବି ଆଜି ଲେଲେବନଦ୍ୱାର ସଜଲ ତ, ଆମ ପିଲାମାନେ କଣ ସବୁ ଶୁଆପିଆ କରି ଦିଏ ଯୋଉଦ୍ୱାଁ ପୋଥାଡ଼ି କରି ପଳେଇଛନ୍ତି । ଟିକେ ସପ୍ତାସପି କରିଦିଅନୁ ଯଦି..

ଆରେ ତୁ ଯେଉଁ ମାରିକୁ ସେବେ ମିଳିବ । ଏବ ଟେ ଟି ନଥାର । ଆଉ ଦରକାର ହେଲେ କରିବୁ ।

ବଙ୍ଗା ଦେଖି ପାଣ୍ଡୁ ଭୁରିଆଥିଥିଲା ତା' ଚରକର୍ତ୍ତା ପ୍ରଭୁ । ଭାବୁଥିଲା ବଙ୍ଗା ଗାଁଶ୍ରମ ଗାଁ ଜାଇ ମାଟିରେ ଗଣ୍ଡ ଗଣ୍ଡ ଲାଗି

ଦୈନିକ
ଆରମ୍ଭ
SEITHO ARAMBHA
ରବିବାର, ୧୪ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ବୋତେନ ଓ ପାତାଳଗଙ୍ଗାରୁ ୧୯.୫ କେଜି ନିଷିଦ୍ଧ ପ୍ଲାଷ୍ଟିକ ଜବତ, ୫୦ ହଜାରରୁ ଅଧିକ ଜରିମାନା ଆଦାୟ

ନୂଆପଡା, ୧୩/୦୬ (ଆ.ପ୍ର) : ପରିବେଶ ସୁରକ୍ଷା ଓ ପ୍ଲାଷ୍ଟିକମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ନୂଆପଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ (ଏସ୍‌ୟୁପି) ବିରୋଧରେ ବ୍ୟାପକ ଚଢ଼ାଉ ଅଭିଯାନ ଚାଲିଛି । ଶନିବାର ଜିଲ୍ଲାପାଳ ମଧୁସୂଦନ ଗଣ୍ଡଙ୍କ ନେତୃତ୍ୱରେ ବୋତେନ ବଜାର ଓ ପ୍ରସିଦ୍ଧ ପାତାଳଗଙ୍ଗା ଧାର୍ମିକ ପୀଠରେ ସ୍ୱତନ୍ତ୍ର ଚଢ଼ାଉ କରାଯାଇ ୧୯.୫ କିଲୋଗ୍ରାମ ନିଷିଦ୍ଧ ପ୍ଲାଷ୍ଟିକ ଜବତ କରାଯାଇଥିଲା । ଅଭିଯାନ ସମୟରେ ବିଭିନ୍ନ ଦୋକାନ, ହୋଟେଲ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଯାଂଚ କରାଯାଇଥିବାବେଳେ ନିୟମ ଲଙ୍ଘନକାରୀଙ୍କ ଠାରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ସେହିପରି ବୋତେନ ବଜାରର ଏକ ହୋଟେଲରେ ବେଆଇନ ଭାବେ ଗଚ୍ଛିତ ଅବକାରୀ ସାମଗ୍ରୀ ଠାବ ହୋଇଥିବାରୁ ତାହାକୁ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅବକାରୀ ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ଚଢ଼ାଉରେ ବୋତେନ ଦିଦି ଚିମ୍ବୁସ ସାଗରଙ୍କ ସହ ଜିଲ୍ଲା ସ୍ୱଚ୍ଛ ଟିମ୍‌ର ଶିବ ପ୍ରସାଦ ସ୍ୱାଇଁ, ପାର୍ଥ ସାରଥୀ ଦୋଗା, ହରେକୃଷ୍ଣ ହଁସଦା, ଜିଲ୍ଲା ସଂଯୋଜକ ଅନିଲ ଲେଙ୍କା ଓ ବ୍ଲକ ସଂଯୋଜକ ହେମନ୍ତ ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ସାମିଲ ହୋଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାବ୍ୟାପୀ ୮ଟି ସ୍ୱଚ୍ଛ ଦଳ ସମସ୍ତ ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ସମନ୍ୱିତ ଚଢ଼ାଉ କରିଥିଲେ । ଏହି ଅଭିଯାନରେ ୧୦୦ କିଲୋଗ୍ରାମରୁ ଅଧିକ ନିଷିଦ୍ଧ ପ୍ଲାଷ୍ଟିକ ଜବତ ହୋଇଥିବାବେଳେ ୫୦ ହଜାର ଟଙ୍କାରୁ ଅଧିକ ଜରିମାନା ଆଦାୟ କରାଯାଇଛି । ଏହି ଅଭିଯାନ ପାତାଳଗଙ୍ଗା ପରିସରରେ ଜିଲ୍ଲାପାଳ ମଧୁସୂଦନ ଗଣ୍ଡ ସାଧାରଣ ଲୋକଙ୍କ ସହ ବସି ଜିଲ୍ଲା ପ୍ରଶାସନର 'ବର୍ଜନ ବମ୍ବାଳ' ଯୋଜନାର ବାସନରେ ପ୍ରସାଦ ସେବନ କରି ପ୍ଲାଷ୍ଟିକର ବିକଳ୍ପ ବ୍ୟବହାର ପ୍ରତି ସଚେତନତାର ବାର୍ତ୍ତା ଦେଇଥିଲେ । ତାଙ୍କର ଏହି ସରଳ ଓ ପରିବେଶବନ୍ଧବ ପଦକ୍ଷେପ ଉପସ୍ଥିତ ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଶଂସା ସାଉଁଟିଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି ଯେ, ଭବିଷ୍ୟତରେ ନିଷିଦ୍ଧ ପ୍ଲାଷ୍ଟିକ ବ୍ୟବହାର କରୁଥିବା ପ୍ରତିଷ୍ଠାନ ବିରୋଧରେ ବିଦ୍ୟୁତ୍ ଓ ଜଳ ସଂଯୋଗ ବିଚ୍ଛିନ୍ନ କରିବା ସହ ପ୍ରତିଷ୍ଠାନକୁ ସିଲ୍ କରିବା ଭଳି କଠୋର ପଦକ୍ଷେପ ନିଆଯିବ । ଜିଲ୍ଲାରୁ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ସମ୍ପୂର୍ଣ୍ଣ କରିବା ପାଇଁ ଏଭଳି ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ପ୍ରଶାସନ ସୂଚନା ଦେଇଛି ।

ରଥଯାତ୍ରା-୨୦୨୬ ପୂର୍ବରୁ ପୁରୀ ରେଳ ଷ୍ଟେସନ ଉନ୍ନୟନ ପ୍ରକଳ୍ପ ଶେଷ କରିବାକୁ ରାଜ୍ୟପାଳଙ୍କ ନିର୍ଦ୍ଦେଶ

ପୁରୀ, ୧୩/୦୬ (ଆ.ପ୍ର) : ଓଡ଼ିଶାର ରାଜ୍ୟପାଳ ଡ଼ଃ କମଂତି ହରି ବାବୁ ଶନିବାର ପୁରୀ ରେଳ ଷ୍ଟେସନ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟସ୍ଥଳ ପରିଦର୍ଶନ କରି ଚାଲିଥିବା କାମର ଅଗ୍ରଗତି ସମୀକ୍ଷା କରିଛନ୍ତି । ପ୍ରକଳ୍ପ ଶେଷ ହେଲେ ପୁରୀ ରେଳ ଷ୍ଟେସନ ଏକ ଆଧୁନିକ ଓ ଯାତ୍ରୀବନ୍ଧବ ପରିବେଷଣ କେନ୍ଦ୍ରରେ ପରିଣତ ହେବ । ରାଜ୍ୟପାଳଙ୍କୁ ପୂର୍ବତନ ରେଳପଥର ମହାପ୍ରବନ୍ଧକ ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ପ୍ରକଳ୍ପର ବିଭିନ୍ନ ଅଂଶ ସମ୍ପର୍କରେ ଅବଗତ କରାଇଥିଲେ । ଷ୍ଟେସନର ନୂତନ ମୁଖ୍ୟ ପ୍ରବେଶଦ୍ୱାର, ଆକର୍ଷଣୀୟ ଫୁଟ ଫାଷାଡ଼, ଟ୍ରେଡିଂ ଲାଉଞ୍ଜ, ଫୁଡ୍ କୋର୍ଟ, ଜନସାଧାରଣ କେନ୍ଦ୍ର, ଡର୍ମିଟୋରୀ, ଡିଟାୟରିଂ ରୁମ୍, ଅଟୋମେଟିକ୍ ଟିକେଟ୍ ଲେଣ୍ଡିଂ ମେସିନ୍, ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ଓ ବ୍ୟାରିୟର-ଫ୍ରି ପ୍ରବେଶ-ପ୍ରସ୍ଥାନ ସୁବିଧା ଯାତ୍ରୀଙ୍କ ପାଇଁ ଉପଲବ୍ଧ ହେବ । ପରେ ଲୋକଭବନରେ ଆୟୋଜିତ ସମୀକ୍ଷା ବୈଠକରେ ରାଜ୍ୟପାଳ ପୁରୀ-କୋଣାର୍କ ରେଳ ସଂଯୋଗ ପ୍ରକଳ୍ପ ସମେତ ରେଳ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ । ରାଜ୍ୟପାଳଙ୍କୁ ସ୍ପଷ୍ଟ ଭାବେ କହିଥିଲେ ଯେ, ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା-୨୦୨୬ ପୂର୍ବରୁ ପୁରୀ ରେଳ ଷ୍ଟେସନ ଉନ୍ନୟନ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଆବଶ୍ୟକ, ଯାହାଦ୍ୱାରା ଲକ୍ଷାଧିକ ଭକ୍ତ, ପର୍ଯ୍ୟଟକ ଓ ଯାତ୍ରୀ ଆଧୁନିକ ସୁବିଧାର ଲାଭ ଉଠାଇପାରିବେ । ସେ କାର୍ଯ୍ୟର ନିୟମିତ ତଦାରଖ, ସାପ୍ତାହିକ ସମୀକ୍ଷା ଏବଂ ରେଳବାଇ ଓ ରାଜ୍ୟ ସରକାରୀ ବିଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ । ଆଧୁନିକ ରେଳ ଗିଡିଭୂମି ଓଡ଼ିଶାର ପର୍ଯ୍ୟଟନ, ସଂଯୋଗ ବ୍ୟବସ୍ଥା ଓ ଆର୍ଥିକ ବିକାଶକୁ ଆହୁରି ମଜବୁତ କରିବ ବୋଲି ସେ ମତ ପ୍ରକାଶ କରିଥିଲେ ।

ବାବା ରାଜମିସ୍ତ୍ରୀ ସଂଘ ସମାବେଶ

ଝରିଗାଁ, ୧୩/୦୬ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲାର ଝରିଗାଁ ଅଂଚଳରେ ବାବା ବିଶ୍ୱକର୍ମା ରାଜମିସ୍ତ୍ରୀ ସଂଘ ପକ୍ଷରୁ ଏକବୈଠକ ଅନୁଷ୍ଠିତ ହେଉଥିଲା । ଏହି ବୈଠକରେ ଝରିଗାଁ ବ୍ଲକର ୨୨ ଗୋଟି ସଂଘ ଯୋଗ ଦେଇଥିଲେ । ବୈଠକ ରେ ମୁଖ୍ୟ ଅତିଥି ଭାବେ ଝରିଗାଁ ବିଧାୟକ ନରସିଂ ଭତ୍ରା ଯୋଗ ଦେଇଥିଲେ ଏବଂ ସାଂସଦ ପ୍ରତିନିଧି ବଜୁଭାଲୁମାୟକ ବିଧାୟକ ପ୍ରତିନିଧି ଗଣେଶ ସାହୁ ଏବଂ ଅନ୍ୟାନ୍ୟ ଭଦ୍ର ବ୍ୟକ୍ତି ଯୋଗ ଦେଇଥିଲେ । ଏଙ୍କ ବାବା ରାଜମିସ୍ତ୍ରୀ ସଂଘ ତରଫରୁ ୫ ଗୋଟି ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବି ସରକାରୀ କାମ ଯେତେ ନିର୍ମାଣ ହେଉଥିବା କାର୍ଯ୍ୟକୁ ବାହାର ରାଜ୍ୟର ମିସ୍ତ୍ରୀ ମାନଙ୍କୁ ନ ଦେଇ ଆମ ରାଜ୍ୟର ବା ଝରିଗାଁ ବାବା ରାଜମିସ୍ତ୍ରୀ ସଂଘ କୁ କାମ ଦିଆଯାଉ । ଦାବି ୨ ଝରିଗାଁ ବ୍ଲକ ର ରାଜମିସ୍ତ୍ରୀ ମାନଙ୍କ ସରକାରଙ୍କ ତରଫରୁ ବିଶ୍ୱକର୍ମା ଯଜନାକୁ ସଂଘମାଧ୍ୟରେ ପ୍ରଶିକ୍ଷଣ ଦେବାର ବେବସ୍ଥା କରାଯାଉ ।ଦାବି-୩ ପୂର୍ବ ଜରନା ବାକଦକୁ ୧୫୦୦/ଟଙ୍କା ରେଖାଏ ସରକାର ପ୍ରଧାନ କରିଥିଲେ ସେହି ସମୟରେ ଅଧାରୁ ଅଧିକ ଶ୍ରମିକ ମାନଙ୍କୁ ଏକାଉଂଟ ରେ ଟଙ୍କା ଦେଇନ୍ତି ସେହି ପରବର୍ତ୍ତୀ ସମୟରେ ଲେବର ଅଫିସକୁ ମଧ୍ୟ ଟଙ୍କା ପେଉଛି ବୋଲି ନାମିଁ ରେହି ଟଙ୍କା,ଟିମାନ ଶ୍ରମିକ ମାନଙ୍କୁ ପ୍ରଧାନ କରାଯାଉ । ଦାବି-୪ ପୂର୍ବ ସରକାର ସାରାକେଳ ସେପ୍ତି ସହ ଅନ୍ୟାନ୍ୟ ସାମଗ୍ରୀ ଶ୍ରମିକ ମାନଙ୍କୁ ପ୍ରଧାନ କରୁଥିଲେ ତାହା ବର୍ତ୍ତମାନ ସରକାର ବନ୍ଧ କରି ଦେଇଛନ୍ତି ତାହା ପୁନର୍ବାର ଲାଗୁ କରିବା ପାଇଁ କହିଛନ୍ତି । ଦାବି-୫ ଝରିଗାଁ ବ୍ଲକ ରାଜମିସ୍ତ୍ରୀ ଓ ଶ୍ରମିକ ମାନଙ୍କ ନୂତନ କାର୍ଡ଼ ଶିକ୍ଷା ସହାୟତା ବିବାହ ସହାୟତା ଏବଂ ଅନ୍ୟାନ୍ୟ ସହାୟତା ପ୍ରଦାନ କରୁଥିଲେ । ସଂଘର ସଦସ୍ୟମାନେ ନିଜମାନଙ୍କର ଦିଲିନ୍ଦ୍ର ସମସ୍ୟା ଓ ଅଧିକାର ସମ୍ବନ୍ଧୀୟ ମୁଦ୍ରା ଉପରେ ପ୍ରଶାସନଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ଦାବିପତ୍ରରେ ମୁଖ୍ୟତଃ ରାଜମିସ୍ତ୍ରୀ ଓ ଶ୍ରମିକମାନଙ୍କର କାମର ସୁରକ୍ଷା, ନ୍ୟାୟସଙ୍ଗତ ଦରମା, ସରକାରୀ ସୁବିଧା ଯୋଗାଣ ଓ ପରିଚୟ ପତ୍ର ପ୍ରଦାନ ଇତ୍ୟାଦି ଦାବି ଉଠାଯାଇଛି । ସେହିପରି ସଂଘ ପକ୍ଷରୁ ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା ଓ ବିଭିନ୍ନ ଯୋଜନାର ସୁବିଧା ଦେବାକୁ ଅନୁରୋଧ କରାଯାଇଛି ।

ଦ୍ୱାରଗାଁ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦଘାଟିତ

ଦଣ୍ଡପଲ୍ଲୀ, ୧୩/୦୬ (ଆ.ପ୍ର) : ଦଣ୍ଡପଲ୍ଲୀ ବ୍ଲକ୍ ଡିହଗାଁ ଫଂଚାୟତ ଅନ୍ତର୍ଗତ ଦ୍ୱାରଗାଁ ଠାରେ ପ୍ରୋଗ୍ରେସ୍ କ୍ରିକେଟ୍ କ୍ଲବ୍ ଦ୍ୱାରା ଆୟୋଜିତ, 'କ୍ରିକେଟ୍ ଟୁର୍ଣ୍ଣାମେଂଟ - ୨୦୨୬'ର ଉଦଘାଟନୀ ଦିବସ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏହି ଉଦଘାଟନୀ ମ୍ୟାଚ ରେ ସମ୍ମାନିତ ଅତିଥି ଭାବେ ଦଣ୍ଡପଲ୍ଲୀ ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଲମ୍ବେସ୍ କୁମାର ସାହୁ, ଡିହଗାଁ ଫଂଚାୟତର ସମାଜସେବୀ ଫକୀର ମୋହନ ଦଳେଇ, ସରିଗଣ୍ଡା ଫଂଚାୟତ ସମିତି ସଭ୍ୟ ଅମୀୟ କୁମାର ନାୟକ, ଗ୍ରାମର ଖୁର୍ଡ଼ି ମେମ୍ବର ନୀଳ ସେଠୀ, ସଭାପତି ବିଲୁଷ ନାୟକ, ଶ୍ରୀଧର ପ୍ରଧାନ, ବିଦ୍ୟାଧର ପ୍ରଧାନ ଯୋଗ ଦେଇଥିଲେ । ଆଜି ଉଦଘାଟନୀ ଦିବସର ପ୍ରଥମ ମ୍ୟାଚ୍ ରେ ଦ୍ୱାରଗାଁ କ୍ରିକେଟ୍ କ୍ଲବ୍ ୧୦ ଓଭରରେ ମୂଲ୍ୟବାନ୍ ୦୫ ଗୋଟି ୱିକେଟ୍ ହରାଇ ୧୩୬ ରନ୍ ସଂଗ୍ରହ କରିଥିବା ବେଳେ ଜବାବରେ ଡିହଗାଁ ମା ରଶିଣୀକାଳୀ କ୍ରିକେଟ୍ କ୍ଲବ୍ ୧୦ ଓଭରରେ ମୂଲ୍ୟବାନ୍ ୦୪ ଗୋଟି ୱିକେଟ୍ ହରାଇ ୧୦୬ ରନ୍ ସଂଗ୍ରହ କରିଥିଲେ । ଏହି ମ୍ୟାଚ୍ ଟି ଦ୍ୱାରଗାଁ କ୍ରିକେଟ୍ କ୍ଲବ୍ ବିଜୟ ଲାଭ କରିଥିଲା । ଏହି ଦରର ସିରୁ ଜେନା ୧୩ ବଲ୍ ରେ ଧୂର୍ଆଁଧାର ୪୦ ରନ୍ ସଂଗ୍ରହ କରିଥିଲେ । ଦ୍ୱାରଗାଁ କ୍ରିକେଟ୍ ଟୁର୍ଣ୍ଣାମେଂଟ କମିଟିର ଅରୁଣ ନାୟକ, ରାଜେଶ ପ୍ରଧାନ, ପଦ୍ମିନୀ ନାୟକ, ପ୍ରବୀଣ ସାହୁ, ଜ୍ଞାନ ରଞ୍ଜନ ଜେନା, ଜ୍ୟୋତିରଞ୍ଜନ ଜେନା, ପ୍ରିୟରଞ୍ଜନ ଦାସ, ପଦ୍ମିନୀ ପରିଡ଼ା, ବିଶ୍ୱପ୍ରକାଶ ପ୍ରଧାନ ଓ ମିଥୁନ ଗୁରୁ ପ୍ରମୁଖ କ୍ରିକେଟ୍ ଟୁର୍ଣ୍ଣାମେଂଟ ପରିଚାଳନାରେ ସହଯୋଗ କରିଥିଲେ ।

ଲୋ ଭୋଲ୍ଟେଜ ଓ ଅତ୍ୟଧିକ ସରବରାହ ଯୋଗୁଁ ବାରମ୍ବାର ବିଦ୍ୟୁତ୍ କାଟ : ବିଧାୟକ

ପାରଳାଖେମୁଣ୍ଡି, ୧୩/୦୬ (ଆ.ପ୍ର) : ବିଦ୍ୟୁତ ଗ୍ରାହକ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଗୋଟିଏ ଗୋଟିଏ ସବ ଷ୍ଟେସନରୁ ୬ରୁ ୭ ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ ସଂଯୋଗ ଦିଆଯାଉଛି ଫଳରେ ଲୋ ଭୋଲ୍ଟେଜ ଓ ଅତ୍ୟଧିକ ସରବରାହ ଯୋଗୁଁ ବାରମ୍ବାର ବିଦ୍ୟୁତ୍ କାଟ, ବିଶେଷ କରି ଗ୍ରୀଷ୍ମରେ ବିଦ୍ୟୁତ ସମସ୍ୟା ଦ୍ୱାଗୁଣିତ କରିଛି । ଏହାର ସମାଧାନ ପାଇଁ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଅତିରିକ୍ତ ନୂତନ ସବ ଷ୍ଟେସନ କାର୍ଯ୍ୟ ଆରମ୍ଭ ହୋଇଥିଲା । କିଛି ବର୍ଷ ମଧ୍ୟରେ ଅନେକ ସ୍ଥାନରେ ଏହି ସବୁ ବିଦ୍ୟୁତ ସବୁ ଷ୍ଟେସନ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ବର୍ତ୍ତମାନ ଏସବୁ ଠିକ ଭାବେ କାର୍ଯ୍ୟକ୍ଷମ କରା ନଯିବା ଫଳରେ ଏହାର ସୁଫଳ ପାଇବାରୁ ବଂଚିତ ହେଉଛନ୍ତି ଲୋକେ । ଅପରପକ୍ଷରେ ସରକାରଙ୍କ କୋଟିକୋଟି ଟଙ୍କାର ପ୍ରକଳ୍ପ ବ୍ୟବହାର ନ ହେଉଣୁ ନଷ୍ଟ ହେଉଛି । ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିଧାୟକ ରୁପେଶ ପାଣିଗ୍ରାହୀ । ବିଧାୟକ ଏହି ପ୍ରକଳ୍ପ ପରିଦର୍ଶନ କରି ସ୍ଥିତି ପରଖିବା ସହ ତୁରନ୍ତ କାର୍ଯ୍ୟକ୍ଷମ ହେବା ନେଇ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି । ତେବେ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ନିମନ୍ତେ ଆବଶ୍ୟକ ଅଧିକ ଅନୁଦାନ ମଗାଯାଇଛି ତାହା ଆସିଲେ ଯଥା ଶୀଘ୍ର କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି ବିଭାଗୀୟ ନିର୍ବାହୀ ଯନ୍ତୀ ।

ଥମୁନ ସ୍ମାର୍ଟ ଜେଲ ବିବାଦ, ପୁଣି ତେଜିଲେଣି ଗ୍ରାମବାସୀ

ଯାଜପୁର, ୧୩/୦୬ (ଆ.ପ୍ର) : ଥମୁନ ସ୍ମାର୍ଟ ଜେଲ ବିବାଦ, ପ୍ରଶାସନର ଆଶ୍ୱାସନାକୁ ହଜମ କରିପାରୁନାହାନ୍ତି ସେଠାକାର ଅଂଚଳବାସୀ । ପୁଣି ବିବାଦ ଉଠିରେ ଛନ୍ଦି ହୋଇଗଲାଣି ସ୍ମାର୍ଟ ଜେଲ । କାର୍ଯ୍ୟ ଆରମ୍ଭରୁ ବାଧା ସୃଷ୍ଟି କଲେଣି ସ୍ଥାନୀୟ ଅଂଚଳବାସୀ । ଜେସିବି ମେସିନ ଦ୍ୱାରା ଜିଲ୍ଲା ପ୍ରଶାସନ କାର୍ଯ୍ୟ ଆରମ୍ଭ କରିଥିବେ ମଧ୍ୟ ଆଜି କାର୍ଯ୍ୟବନ୍ଦ କରିଦେଇଛନ୍ତି ସ୍ଥାନୀୟ ଗ୍ରାମବାସୀ । ସୂଚନା ମୁତାବକ ଯାଜପୁର ବ୍ଲକ ଏକରଙ୍କ ଫଂଚାୟତ ଛତ୍ରାଆ ପଡିଆ ରେ ସ୍ମାର୍ଟଜେଲ ନିର୍ମାଣକୁ ନେଇ ଦୀର୍ଘ ଦୁଇ ବର୍ଷ ଧରି ପ୍ରଶାସନ ସହିତ ଅଂଚଳବାସୀଙ୍କ ବାଦ ବିବାଦ ଲାଗିରହିଥିବା ବେଳେ ଆଜି ଗ୍ରାମ ବାସୀଙ୍କ ଜୋରଦାର ବିରୋଧ ଦେଖିବାକୁ ମିଳିଛି । ଆଜି ଗ୍ରାମବାସୀଙ୍କ ସହ ସାଧାରଣ ଲୋକ ଏବଂ ସ୍ଥାନୀୟ ବିଧାୟକ ବିଶ୍ୱ ରଞ୍ଜନ ମଲିକ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ସ୍ଥାନୀୟ ବିଧାୟକ ବିଶ୍ୱ ରଞ୍ଜନ ମଲିକ ଗ୍ରାମବାସୀମାନଙ୍କୁ ନେଇ ଏକ କମିଟି ଗଠନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏ ସମ୍ପର୍କିତ ଏକ ରିପୋର୍ଟ ଦେବ ବୋଲି କହିଛନ୍ତି । ଜିଲ୍ଲା ପ୍ରଶାସନକୁ ଗ୍ରାମବାସୀମାନେ ଦାବି କରିଛନ୍ତି ଏଠାରେ ଜେଲ୍ ନିର୍ମାଣ କାର୍ଯ୍ୟ ନ କରିବା ପାଇଁ । ତପ ଜିଲ୍ଲାପାଳ ତାପସ ରଂଜନ ଦେହୁରୀ ଏହି ଯୋଜନା ପୂର୍ବରୁ ପ୍ରଣୟନ ହୋଇଥିଲା । କାର୍ଯ୍ୟ ଦୁଇ ବର୍ଷ ହେବ ବନ୍ଦ ଥିଲା । ଗ୍ରାମବାସୀମାନଙ୍କ ଅଭିଯୋଗକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପୂରଣ କରାଯାଇଛି । ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଯାଜପୁର ଜିଲ୍ଲା ଅତିରିକ୍ତ ଏସପି ଶିତିଜଣ କାନୁନ୍ଗୁ, ଯାଜପୁର ଏସଡିପିଓ ପ୍ରଧାନ କୁମାର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରତାରଣା, ବଳାତ୍କାର ଓ ଲୁଟ୍ ଅଭିଯୋଗରେ ଯୁବକ ଗିରଫ

ଟାଙ୍ଗୀଗୌଦ୍ୱାର, ୧୩/୦୬ (ଆ.ପ୍ର) : ବିବାହର ମହିଳାଙ୍କ ସହ ଦୀର୍ଘ ତିନି ଶାରୀରିକ ସମ୍ପର୍କ ରକ୍ଷା କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ ହେଲେ ଜଟକ ଜିଲ୍ଲା ଜାଲଦିଆ ଗାଁର ଜାଟି ରଞ୍ଜନ ମହାପାତ୍ର (୩୩) । ତାଙ୍କ ବିରୋଧରେ କଟକପୁର ଥାନାରେ ମାମଲା (ନଂ ୩୭୩/୨୬ ରୁଜୁ ହୋଇଛି । ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ପୂର୍ବରୁ ବିବାହିତ ଥିଲେ । ପାରିବାରିକ ଅସୁବିଧା ଲାଭଣ୍ଡରୁ ସେ ସ୍ୱାମୀଙ୍କ ଘର ଛାଡ଼ି କଟକପୁର ଅଂଚଳର ଏକ ବେକାରୀରେ କାମ କରୁଥିଲେ । ସେଠାରେ ଜାଟି ରଞ୍ଜନଙ୍କ ସହ ପରିଚୟ ହୋଇଥିଲା । ବିବାହର ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ମହିଳାଙ୍କ ସହ ସ୍ୱାମୀ-ସ୍ତ୍ରୀ ଭଳି ରହୁଥିଲେ ଏବଂ ବିଭିନ୍ନ ସ୍ଥାନକୁ ଏକାଠି ଯାଇଥିଲେ । ଅଭିଯୋଗ ଅନୁସାରେ, ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଅନ୍ୟ ଝିଅମାନଙ୍କ ସହ ସମ୍ପର୍କ ରଖୁଥିବା ଜାଣିବା ପରେ ମହିଳା ଏକାକୁ ବିରୋଧ କରିଥିଲେ । ଏଥିରେ କ୍ଷୁବ୍ଧ ହୋଇ ଅଭିଯୁକ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଳଜ କରିବା ସହ ମାଡ଼ ମାରିଥିଲେ । ଏପରିକି ୧୦୦୦ ଟଙ୍କା ଦାବି କରିଥିବା ବେଳେ ମହିଳା ମନା କରିବାରୁ ୫୦୦ ଟଙ୍କା ନେଇଯିବା ସହ ଘରର କିଛି ସାମଗ୍ରୀ ମଧ୍ୟ ନେଇ ପଳାଇଥିବା ଅଭିଯୋଗ ହୋଇଥିଲା ।

ପୂଜ୍ୟପୂଜା ସଂସଦ ପକ୍ଷରୁ ବ୍ଲକସ୍ତରୀୟ ମେଧାବୀ ସମ୍ମାନ - ୨୦୨୬ ପ୍ରଦାନ

ଧାମନଗର, ୧୩/୦୬ (ଆ.ପ୍ର) : ଧାମନଗର ବ୍ଲକ ଅନ୍ତର୍ଗତ ଧୁଣ୍ଡୁରୀ ଫଂଚାୟତ ଠାରେ ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଧୁଣ୍ଡୁରୀ ପୂଜ୍ୟପୂଜା ସଂସଦ ପକ୍ଷରୁ ମୋଧାବୀ ସମ୍ମାନ-୨୦୨୬ ଉତ୍ସବ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୂଜ୍ୟପୂଜା ସଂସଦର ସଭାପତି ବାଣୀଆନ ଶିକ୍ଷାବିତ ବାଜାଙ୍ଗୀ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ, ସଂସଦର ପ୍ରତିଷ୍ଠାତା ଧାମନଗର ଫଂଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଧୁଣ୍ଡୁରୀ ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ,ବିଶିଷ୍ଟ ପ୍ରବଚକ ପ୍ରବକ୍ତା ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଦୁର୍ଗାଶଙ୍କର ଦାଶ,ଶିକ୍ଷକ ନେତା ନମାକାନ୍ତ ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେବ ବେଷ୍ଟା ଓ ନିଷ୍ଠା ଦ୍ୱାରା ସଫଳତା ମିଳିଥାଏ ଏବଂ ଏହାକୁ ବଜାୟ ରଖିବା ପାଇଁ ବିଦ୍ୟାର୍ଥୀମାନେ ନିଜକୁ ମାନସିକ ସ୍ତରରେ ଦୃଢ଼ କରିବା ଉଚିତ ବୋଲି ବକ୍ତବ୍ୟ ରଖିଥିଲ

ସମସ୍ତଙ୍କ
ଆରମ୍ଭ
SEITHO ARAMBHA

ରବିବାର, ୧୪ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ବିବାହର ପ୍ରତିଶ୍ରୁତି ନା ପ୍ରତାରଣା, ସତ୍ୟ ଖୋଜୁଛି ପୋଲିସ

ସିନାପାଲି, ୧୩/୦୬ (ଆ.ପ୍ର) : ନୂଆପଡ଼ା ଜିଲ୍ଲାର ସିନାପାଲି ଅଞ୍ଚଳରେ ପ୍ରେମ, ବିବାହର ପ୍ରତିଶ୍ରୁତି ଏବଂ ପ୍ରତାରଣା ଅଭିଯୋଗକୁ କେନ୍ଦ୍ର କରି ଏକ ଚର୍ଚ୍ଚିତ ଘଟଣା ସାମ୍ନାକୁ ଆସିଛି । ଜଣେ ଯୁବତୀ ତାଙ୍କ ପ୍ରେମିକଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିବା ବେଳେ ଅଭିଯୁକ୍ତ ପକ୍ଷ ଏହାକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି । ଘଟଣାକୁ ନେଇ ଅଞ୍ଚଳରେ ବିଭିନ୍ନ ଚର୍ଚ୍ଚା ଚାଲିଥିବା ବେଳେ ସିନାପାଲି ପୋଲିସ ନିରପେକ୍ଷ ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ, ସିନାପାଲି ଥାନା ଅନ୍ତର୍ଗତ ଗୋର୍ଲା ଗ୍ରାମପଂଚାୟତର ବେଜଲପୁର ବୁଢ଼ସୀପଡା ଗ୍ରାମର ଜଣେ ଯୁବତୀ ସେହି ଗ୍ରାମର ଘନଶ୍ୟାମ ମାଝୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି । ଯୁବତୀଙ୍କ କହିବା ଅନୁଯାୟୀ, ଉଭୟଙ୍କ ମଧ୍ୟରେ ପ୍ରାୟ ପାଞ୍ଚ ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା । ଏହି ସମୟରେ ଯୁବକ ତାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇଥିଲେ ଏବଂ ସେହି ବିଶ୍ୱାସରେ

ଉଭୟଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ଗଢ଼ିଉଠିଥିଲା । ତେବେ ପରେ ଯୁବକ ବିବାହ ପ୍ରସଙ୍ଗକୁ ଏଡ଼ାଇ ଆସୁଥିବା ସହ କ୍ଷେତ୍ରରେ ବିବାହ ପାଇଁ ମନା କରିଦେଇଥିବା ଏବଂ ଅନ୍ୟକୁ ବିବାହ ପାଇଁ ପ୍ରସ୍ତୁତି ଚାଲିଥିବା ନେଇ ଯୁବତୀ ଅଭିଯୋଗ କରିଛନ୍ତି । ଏହା ଜାଣିବା ପରେ ସେ ନ୍ୟାୟ ପାଇଁ ସିନାପାଲି ଥାନାର ଦ୍ୱାରସ୍ଥ ହୋଇଥିଲେ । ଯୁବତୀଙ୍କ ଅଭିଯୋଗ ଅନୁସାରେ, ପୋଲିସ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ସେ ଶୀଘ୍ର ନ୍ୟାୟ ପ୍ରଦାନ ପାଇଁ ଦାବି କରିବା ସହ ଆବଶ୍ୟକ ହେଲେ ଆନ୍ଦୋଳନ ଜାରୀ କରାଯିବେ ବୋଲି କହିଛନ୍ତି । ଅନ୍ୟପଟେ, ଅଭିଯୁକ୍ତ ଯୁବକ ଓ ତାଙ୍କ ପରିବାର ଏହି ସମସ୍ତ ଅଭିଯୋଗକୁ ମିଥ୍ୟା ଏବଂ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ଦାବି କରିଛନ୍ତି । ସେମାନଙ୍କ କହିବା ଅନୁଯାୟୀ, ପରିବାରକୁ ବ୍ଲାକମେଲ ଏବଂ ସାମାଜିକ ଭାବେ ବଦନାମ କରିବା ଉଦ୍ଦେଶ୍ୟରେ ଏହିଭଳି ଅଭିଯୋଗ ଆଣାଯାଇଛି । ସେମାନେ ପୋଲିସ ତଦନ୍ତ ଉପରେ ପୂର୍ଣ୍ଣ ଭରସା ରଖିଥିବା କହିଛନ୍ତି । ସିନାପାଲି ପୋଲିସର ସୂଚନା ଅନୁଯାୟୀ, ମାମଲାର ନିରପେକ୍ଷ ତଦନ୍ତ ଚାଲିଛି । ଉଭୟ ପକ୍ଷଙ୍କ ବୟାନ କେଳର୍ଡ କରାଯାଇଥିବା ବେଳେ ମୋବାଇଲ କଲ୍‌ରେକର୍ଡ, ସୋସିଆଲ ମିଡିଆ ଚାଟ, ଫଟୋ, ମେସେଜ ଓ ଅନ୍ୟାନ୍ୟ ଡିଜିଟାଲ ପ୍ରମାଣ ସଂଗ୍ରହ କରାଯାଇଛି । ସ୍ଥାନୀୟ ଲୋକଙ୍କ ବୟାନ ମଧ୍ୟ ସଂଗୃହୀତ କରାଯାଇଛି । ଏହି ଘଟଣାକୁ ନେଇ ସାମାଜିକ ସଂଗଠନ ଓ ବୁଦ୍ଧିଜୀବୀ ମହଲରେ ମଧ୍ୟ ଆଲୋଚନା ଚାଲୁ ଥିଛି । ସେମାନଙ୍କ ମତରେ, ତଦନ୍ତ ଶେଷ ହେବା ପୂର୍ବରୁ କୌଣସି ପକ୍ଷକୁ ଦୋଷୀ କିମ୍ବା ନିର୍ଦ୍ଦୋଷ କହିବା ଉଚିତ ନୁହେଁ । ଆଇନ ପ୍ରକ୍ରିୟାକୁ ସମ୍ମାନ ଦେଇ ସମସ୍ତଙ୍କୁ ସଂଯମ ରକ୍ଷା କରିବା ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି ।

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କଲେ ରାଜ୍ୟପାଳ

ପୁରୀ, ୧୩/୦୬ (ଆ.ପ୍ର) : ଓଡିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାତି ଶନିବାର ଦିନ ରାଜ୍ୟର ପ୍ରଥମ ମହିଳା ରାଜ୍ୟପାଳ ଜୟଶ୍ରୀ କମ୍ଭମପାତିଙ୍କ ସହ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରିଥିଲେ । ମନ୍ଦିରରେ ପହଂଚିବା

ପରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ)ର ମୁଖ୍ୟ ପ୍ରଶାସକ ଅରବିନ୍ଦ କୁମାର ପାଢ଼ୀ ଏବଂ ପୁରୀ ଜିଲ୍ଲାପାଳ ବିଦ୍ୟାଜ୍ୟୋତି ପଣ୍ଡିତ୍ୱା ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ । ରାଜ୍ୟପାଳ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ଦର୍ଶନ କରି ଓଡ଼ିଶାର ନିରନ୍ତର ଶାନ୍ତି, ପ୍ରଗତି ଓ ସମୃଦ୍ଧି ସହ ରାଜ୍ୟବାସୀଙ୍କ କଲ୍ୟାଣ କାମନା କରିଥିଲେ । ଦର୍ଶନ ପରେ ରାଜ୍ୟପାଳ ମନ୍ଦିର ପରିସରର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ । ଏହି ଅବସରରେ ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀ ଓ ଜିଲ୍ଲାପାଳ ଶ୍ରୀ ପଣ୍ଡିତ୍ୱା ରାଜ୍ୟପାଳଙ୍କୁ ମନ୍ଦିର ପ୍ରଶାସନ, ପରିଚାଳନା ଏବଂ ଭକ୍ତମାନଙ୍କ ପାଇଁ କରାଯାଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ ।

ନୂଆପଡ଼ାରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଭବ୍ୟ ଶୁଭାରମ୍ଭ

ନୂଆପଡ଼ା, ୧୩/୦୬ (ଆ.ପ୍ର) :ରାଜ୍ୟ ସରକାରଙ୍କ ଦୃଢ଼ ସର୍ତ୍ତର ସଫଳ ଶାସନ ପୂର୍ତ୍ତି ଅବସରରେ ଗରିବ ଓ ଅଭାବୀ ପରିବାରଙ୍କ ଖାଦ୍ୟ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଆଜି ସ୍ଥାନୀୟ ନ୍ୟାୟାଳୟ କଲେଜ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୋଜନା ମାଧ୍ୟମରେ ନୂଆପଡ଼ା ଜିଲ୍ଲାର ୫ ଲକ୍ଷ ୫୬ ହଜାର ୯୩୨ ଜଣ ହିତାଧିକାରୀ ଅତିରିକ୍ତ ମାଗଣା ରାସନ ପାଇବେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପସ୍ଥିତ ଅତିଥି ଓ ହିତାଧିକାରୀମାନେ ଲୁବନେଶ୍ୱରସ୍ଥ ଆଇଡିକୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ ଉଦ୍‌ଘାଟନୀ ସମାରୋହର ସିଧାପ୍ରସାରଣ ଅବଲୋକନ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଜନାର ଶୁଭାରମ୍ଭ କରିଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖାଦ୍ୟ ଯୋଗାଣ ଓ ଖାଦ୍ୟଟି କଲ୍ୟାଣ ମନ୍ତ୍ରୀ ବୃଷଚନ୍ଦ୍ର ପାତ୍ର, ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଏକାମ୍ର ବିଧାୟକ ବାବୁ ସିଂହ ପ୍ରମୁଖ ଉପସ୍ଥିତ ଥିଲେ । ନୂଆପଡ଼ାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ଶେଷାଳ ଡେଭଲପମେଂଟ ବ୍ଲକ୍‌ନିଲ ଅଧ୍ୟକ୍ଷ ରୋମସିଂ ମାଝୀ, ଜିଲ୍ଲାପାଳ ମଧୁସୂଦନ ଦାଶ, ଖରିଆର ରୋଡ଼ ଏନ୍‌ଏସି ଅଧ୍ୟକ୍ଷା ଡା. ସୋଜିଆ ଜୈନ ଓ ସିନାପାଲି ବ୍ଲକ ଅଧ୍ୟକ୍ଷ ମାଧୁରୀ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଯୋଜନା ଅନ୍ତର୍ଗତ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫ୍‌ଏସ୍‌ଏସ୍) ଅଧୀନରେ ଥିବା ସମସ୍ତ ଯୋଗ୍ୟ ରାସନ କାର୍ଡଧାରୀ ହିତାଧିକାରୀ ସେମାନଙ୍କ ନିୟମିତ ପ୍ରାପ୍ତ ବ୍ୟତୀତ ଉଲ୍ଲିଖିତ ପ୍ରତିମାସ ୫ କିଲୋଗ୍ରାମ ଅତିରିକ୍ତ ଚାଉଳ ଅମୃତ୍ତି ମାଗଣାରେ ପାଇବେ । ଯୋଜନାଟି ଏପ୍ରିଲ-୨୦୨୬ରୁ ଲାଗୁ ହୋଇଥିବାରୁ ହିତାଧିକାରୀମାନେ ଏପ୍ରିଲ, ମେ ଓ ଜୁନ ମାସର ମୋଟ ୧୫ କିଲୋଗ୍ରାମ ଅତିରିକ୍ତ ଚାଉଳ ଏକଲାଖିନ ରାତେ ପାଇବେ । ସୂଚନାଯୋଗ୍ୟ ଯେ, ନୂଆପଡ଼ା ଜିଲ୍ଲାର ୧୪୮ଟି ସୁଲଭ ମୂଲ୍ୟ ବିକ୍ରୟ କେନ୍ଦ୍ର ରହିଛି । ଜିଲ୍ଲାର ୧,୮୯,୧୧୬ଟି ରାସନ କାର୍ଡଧାରୀ ପରିବାରର ୫,୫୬,୯୩୨ ଜଣ ହିତାଧିକାରୀ ଏହି ଯୋଜନାରେ ଉପକୃତ ହେବେ । ଏହି ଅବସରରେ ୧୨ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ ବଂଟନ କରାଯାଇଥିବା ବେଳେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ୧୦ ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ସ୍ମାର୍ଟଫୋନ୍ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଲୟେଦର ଧଡୁଆ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଦିନାଥ ଭୋଲଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଏବଂ ବହୁ ସଂଖ୍ୟକ ହିତାଧିକାରୀ ଉପସ୍ଥିତ ଥିଲେ । ଆରମ୍ଭରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଲୟେଦର ଧଡୁଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ବ୍ଲକ ଭାରତ ସଂଯୋଜକ ଅନିଲ କୁମାର ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଶମନିଧ ଭୋଲ ଧନ୍ୟବାଦ ଅର୍ପଣ କରିଥିଲେ ।

ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ବ୍ଲକ କଂଗ୍ରେସର ପ୍ରସ୍ତୁତି ବୈଠକ

ଜି.ଉଦୟଗିରି, ୧୩/୦୬ (ଆ.ପ୍ର) : ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଜି.ଉଦୟଗିରି ବ୍ଲକ କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ ଓ ପ୍ରସ୍ତୁତି ବୈଠକ ସ୍ଥାନୀୟ ସମନ୍ୱିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ କଂଗ୍ରେସ ସଭାପତି ମନମୋହନ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକକୁ ବ୍ଲକ କଂଗ୍ରେସ ସଂପାଦକ ଗୋପାଳ ନାୟକ ପରିଚାଳନା କରିଥିଲେ । ବୈଠକରେ ଆଗାମୀ ପଂଚାୟତ ନିର୍ବାଚନକୁ ନେଇ ସାଙ୍ଗଠନିକ ସୁଦୃଢ଼ୀକରଣ, ବଢାୟ ଏକତା ଏବଂ କର୍ମୀମାନଙ୍କ ଭୂମିକା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ବଢର ସମସ୍ତ କର୍ମୀ ଓ ନେତୃବୃନ୍ଦ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ସଂଗଠନକୁ ଆହୁରି ସଶକ୍ତ କରିବା ସହ ବଢାୟ ନିୟମ ଓ ଶୃଙ୍ଖଳାକୁ କଡ଼ାକଡ଼ି ପାଳନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଆଲୋଚନା ସମୟରେ ବଢ ବିରୋଧୀ କାର୍ଯ୍ୟକଳାପ ଓ ଅନୁଶାସନ ଭଙ୍ଗକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରାଯାଇଥିଲା । ବିଶେଷକରି ବ୍ଲକ ସଭାପତିଙ୍କ ଅଜ୍ଞାତରେ କିମ୍ବା ବଢାୟ ନିଷ୍ପତ୍ତିକୁ ଅବମାନନା କରି କୌଣସି ସଭା, ସମିତି ବା କାର୍ଯ୍ୟକ୍ରମ ଆୟୋଜନ କରାଗଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ବଢାୟ ସ୍ତରରେ କଠୋର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା । ବୈଠକରେ ବକ୍ତାମାନେ କହିଥିଲେ ଯେ, ଗତ କିଛି ଦିନ ଧରି ବ୍ଲକ ସଭାପତିଙ୍କ ଜ୍ଞାତସାର ବାହାରେ କେତେକ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ଘଟଣା ବଢର ଦୃଷ୍ଟିକୁ ଆସିଛି । ଏପରି ପଦକ୍ଷେପ ସଂଗଠନର ଏକତା ଓ ଶୃଙ୍ଖଳାକୁ କ୍ଷୁଣ୍ଣ କରୁଥିବାରୁ ଏହାକୁ ନେଇ ଗମ୍ଭୀର ଆଲୋଚନା ହୋଇଥିଲା । ଭବିଷ୍ୟତରେ ଏପରି ଘଟଣାର ପୁନରାବୃତ୍ତି ଘଟିଲେ ବଢ ଆଲୋଚନା କରି ଉପଯୁକ୍ତ ନିଷ୍ପତ୍ତି ନେବ ବୋଲି ମତ ପ୍ରକାଶ ପାଇଥିଲା । ସେହିପରି ଆଗାମୀ ପଂଚାୟତ ନିର୍ବାଚନ ପାଇଁ ବୃଣମୂଳ ସ୍ତରରେ ସଂଗଠନକୁ ସକ୍ରିୟ କରିବା, ଜନସମ୍ପର୍କ ବୃଦ୍ଧି କରିବା ଏବଂ ସମସ୍ତ କର୍ମୀଙ୍କୁ ସାମିଲ କରି ନିର୍ବାଚନୀ ରଣନୀତି ପ୍ରସ୍ତୁତ କରିବା ଉପରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ବୈଠକରେ ଏନ୍‌ଏସି କଂଗ୍ରେସ ସଭାପତି ସୁଦ୍ରମୟୀ ନାୟକ, ହେରୋଦ ଦିଗାଲ, ଉମେଶ ପ୍ରଧାନ, ବାଦିରାମ ନାୟକ, ମୁନା ପଟ୍ଟନାୟକ, କଳି ପ୍ରଧାନ, ରାଜୟ ନାୟକ, ମିଥୁନ ପ୍ରଧାନ, ଅଜିଶେଷ ନାୟକ, ପାଲେ ଖାନ, ସଞ୍ଜୀବ ପ୍ରଧାନ, ଫୋଲିମିନ, ନାୟକ, ରୋଜିତ ପ୍ରଧାନ, ପିଚୋଲ୍ ବିଗାଲ ସମେତ ସମସ୍ତ ଗ୍ରାମ ପଂଚାୟତ କଂଗ୍ରେସ ସଭାପତି ଏବଂ ବ୍ଲକ କଂଗ୍ରେସ କାର୍ଯ୍ୟକାରିଣୀ ସଦସ୍ୟମାନେ ଉପସ୍ଥିତ ଥିଲେ । ବୈଠକ ଶେଷରେ ଆଗାମୀ ଦିନରେ ସଂଗଠନକୁ ଅଧିକ ସକ୍ରିୟ ଓ ଜନମୁଖୀ କରିବା ପାଇଁ ସମସ୍ତ କର୍ମୀ ଏକାଠି ହୋଇ କାମ କରିବାକୁ ସଂକଳ୍ପ ଗ୍ରହଣ କରିଥିଲେ ।

ସମ୍ବର୍ଦ୍ଧିତ ହେଲେ ଖଣ୍ଡପଡ଼ା ମାଟିର ପୁଅ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ

ଖଣ୍ଡପଡ଼ା, ୧୩/୦୬ (ଆ.ପ୍ର) : ଭାରତ ସରକାରଙ୍କ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ନୂଆଦିଲ୍ଲୀ ଦ୍ୱାରା ପରିଚାଳିତ ବାଲେଶ୍ୱର ସହରସ୍ଥିତ

'ଅମୃତ ବାଣୀ ଆଦର୍ଶ ଶୋଧ ସଂସ୍ଥାନ' ପରିସରରେ ଆୟୋଜିତ ଆବାସୀୟ ସଂସ୍କୃତ ଦକ୍ଷତା ବିକାଶ କର୍ମଶାଳାର ୯ ମ ସଂଖ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ତଥା ଖଣ୍ଡପଡ଼ା ମାଟିର ସୁଯୋଗ୍ୟ ସନ୍ତାନ ପ୍ରଫେସର ଡକ୍ଟର ସତ୍ୟନାରାୟଣ ଆଚାର୍ଯ୍ୟଙ୍କୁ 'ଅମୃତ ବାଣୀ ସାରସ୍ୱତ ସାଧକ' ଉପାଧିରେ ସମ୍ମାନିତ କରାଯାଇଥିବା ଜଣାଯାଇଛି । ସଂସ୍କୃତ ଭାଷାର ପ୍ରଚାର ଓ ପ୍ରସାର କରିବା ଦିଗରେ ପ୍ରଫେସର ସତ୍ୟନାରାୟଣଙ୍କ ଅନେକ କିଛି ଅବଦାନ ରହିଛି । ଦୀର୍ଘ ବର୍ଷ ଧରି ପ୍ରଫେସର ଶ୍ରୀ ଆଚାର୍ଯ୍ୟ ସୁଦୂର ଆନ୍ଧ୍ରପ୍ରଦେଶ ରାଜ୍ୟର ତିରୁପତିସ୍ଥିତ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ପଦବୀରେ ରହି ଦକ୍ଷତାର ସହ ସୂଚାରୁ ରୂପେ ଦାୟିତ୍ୱ ତୁଲାଇବା ପରେ ଏବେ ସେ ଓଡ଼ିଆ ବିଶ୍ୱ ବିଦ୍ୟାଳୟର କୁଳପତି ଭାବେ ଦାୟିତ୍ୱ ତୁଲାଇଥିବା ଜଣାପଡିଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ଡକ୍ଟର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଅନୁଷ୍ଠାନର ପ୍ରତିଷ୍ଠାତା ଡକ୍ଟର କୁମାର ଚନ୍ଦ୍ର ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିବା ଜଣାପଡିଛି ।

ଧାମନଗର ଛକ ଠାରୁ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗ କଲା ବ୍ଲକ କଂଗ୍ରେସ

ଧାମନଗର, ୧୩/୦୬ (ଆ.ପ୍ର) : ଧାମନଗର ଛକ ଠାରୁ ଧାମନଗରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗ ଆଣିଲା କଂଗ୍ରେସ ବଳ । ୧୬ ନଂ ଜାତୀୟ ରାଜପଥ ଠାରୁ ଧାମନଗର ବଜାର ପର୍ଯ୍ୟନ୍ତ ପ୍ରାୟ ୯ କିଲୋମିଟର ମୁଖ୍ୟ ରାସ୍ତା ନବୀକରଣରେ ବ୍ୟାପକ ଅନିୟମିତତା ହୋଇଥିବା କଂଗ୍ରେସ ରାଣମାଧ୍ୟମ ଆଗରେ ଅଭିଯୋଗ କରିଛି । ଗୁରୁବାର ଏନେଇ ଧାମନଗର ବ୍ଲକ କଂଗ୍ରେସ ତରଫରୁ ଅପରାହ୍ନ ୫ ଘଟିକାରେ ବ୍ଲକ ଅନ୍ତର୍ଗତ ରାଘବାମପୁର ବଜାର ଠାରେ ଏକ ସାମାଜିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ଅନିଲ କୁମାର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ସାମାଜିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ବାସୁଦେବ ତ୍ରିପାଠୀ, ଏନ୍‌ଏସି ସଭାପତି ପ୍ରମୋଦ ସ୍ୱାଇଁ, କଂଗ୍ରେସ ନେତା ରମଣୀ ରଞ୍ଜନ ଦାଶ, ପ୍ରଭାତ ପଣ୍ଡା, ମାନସ ରଞ୍ଜନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଉଦିନାରାୟଣ ଜେନା, ପାଟାମ୍ବର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଅଭିଯୋଗ ଅନୁଯାୟୀ ନିର୍ମାଣ ଧୀନ ରାସ୍ତା କାର୍ଯ୍ୟ ଯନ୍ତ୍ରୀ ସଠିକ ଭାବରେ ତତ୍ତାବଧାନ କରୁନାହାନ୍ତି । ବିନା ସୂଚନା ପକକରେ ଏସଟିମେଂଟ ଅନୁସାରେ ନଳଚିତା ତଥା ବାଲି ଫିଲିଙ୍ଗ ନଳଗିବା, ମେଂଟାଲିଙ୍ଗ ନଳଗିବା, ପିଚର ଓ ମୋଟେଇ କମ କରିବା, ଗଛ ମୂଳକୁ ନ ଘଷାଡ଼ିବା, ରାସ୍ତାର ଓସାର କମ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ କରାଯାଇଛି । ଜନସାଧାରଣଙ୍କ ଅର୍ଥରେ ନିର୍ମିତ ହେଉଥିବା ରାସ୍ତାକୁ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ସଜାଡ଼ଗାରରେ ବାଲିଛି ନିମ୍ନମାନ ଓ ତରବରିଆ ଭାବରେ କାର୍ଯ୍ୟ କରିବା ଏହାର ସ୍ଥାୟିତ୍ୱକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଆଗାମୀ ଦିନରେ ଠିକ ଭାବରେ କାର୍ଯ୍ୟ ନକରାଯାଏ ତାହେଲେ ବ୍ଲକ କଂଗ୍ରେସ ରାଜପଥରେ ଆନ୍ଦୋଳନ କରିବା ପାଇଁ ସାମାଜିକ ସମ୍ମିଳନୀରେ ସୂଚନା ଦିଆଯାଇଛି ।

ମଙ୍ଗୁଳିରେ ଜଳିଗଲା ଟ୍ରକ୍

ଟାଙ୍ଗୀ- ଚୌଦ୍ୱାର, ୧୩/୦୬ (ଆ.ପ୍ର) : କଟକ ଜିଲ୍ଲା ଟାଙ୍ଗୀ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥ ମଙ୍ଗୁଳି ଛକ ନିକଟରେ



ଏକ ଟ୍ରକ୍‌ରେ ଶୁଭ୍ରବାର ଉଭୟଙ୍କ ଅଗ୍ନିକାଣ୍ଡ ଘଟିଛି । ଟ୍ରକ୍‌ଟି ସଂପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଥିବା ବେଳେ ଚାଳକ ଫେରାର ହୋଇଯାଇଛି । ସୂଚନା ମୁତାବକ, ମଙ୍ଗୁଳି ଛକ ନିକଟରେ ଯାତ୍ରିକ ତ୍ରୁଟି ଦେଖାଦେଇଥିଲା । ମାରମାରି ପାଇଁ ଚାଳକ ଲଣ୍ଡକ ରାସ୍ତା ପାର୍ଶ୍ୱ ଘୋରାଇ ନିକଟରେ ଛିଡ଼ା କରି ଘୋରାରେ ଯାଇଥିବା ବେଳେ ହଠାତ୍ ନିଆଁ ଲାଗି ଯାଇଥିଲା । କିଛି ସମ

ଦୈନିକ
ଆରମ୍ଭ
SEITHO ARAMBHA
ରବିବାର, ୧୪ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ମହିଳା ଟ୍ୱେଂଟି-୨୦ ବିଶ୍ୱକପ୍, ଉଦ୍‌ଘାଟନୀ ମ୍ୟାଚ୍‌ରେ ଇଂଲଣ୍ଡର ବଡ଼ ବିଜୟ

ବର୍ମିଂହାମ, ୧୩/୬(ନ୍ୟୁ.ଏ): ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ନବମ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି । ଲୁଲାଇ ୫ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ବିଶ୍ୱକପ୍‌ରେ ମୋଟ ୩୩ଟି ମ୍ୟାଚ୍ ଖେଳାଯିବ । ଇଂଲଣ୍ଡର ୭ଟି ଷ୍ଟାଡିୟମ୍‌ରେ ଆୟୋଜିତ ହେବ । ଇଂଲଣ୍ଡ ଏହା ପୂର୍ବରୁ ୨୦୦୯ ମସିହାରେ ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ଆୟୋଜନ କରିଥିଲା । ୧୭ବର୍ଷ ପରେ ବିଶ୍ୱକପ୍ ଏଠାକୁ ଫେରିଥିବାରୁ ଇଂଲିସ୍ କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ଏହାକୁ ନେଇ ବେଶ୍ ଉତ୍ସାହ ପରିଲକ୍ଷିତ ହେଉଛି । ଉଦ୍‌ଘାଟନୀ ମୁକାବିଲାରେ ଇଂଲଣ୍ଡ ୮୭ ରନ୍‌ର ବଡ଼ ବ୍ୟବଧାନରେ ଶ୍ରୀଲଙ୍କାକୁ ହରାଇବା ଦି ସେମାନଙ୍କ ଖୁସିକୁ ଦ୍ୱିଗୁଣି କରିଛି । ଲାଗାତାର ସମୟ ଗାତି ୧୧ଟାରୁ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିଲା । ଶ୍ରୀଲଙ୍କା ବୋଲରମାନେ କିନ୍ତୁ ନିଜ ଅଧିନାୟିକା ଚାମରି ଆଟାପାଟୁଙ୍କ ନିଷ୍ପତ୍ତିର ସମ୍ମାନ ରଖି ନଥିଲେ ।

ଲକ୍ଷ୍ୟହୀନ ବୋଲିଂ କରି ଇଂଲଣ୍ଡକୁ ବଡ଼ ସ୍କୋର କରିବାର ସୁଯୋଗ ଦେଇଥିଲେ । ଅନ୍ୟପକ୍ଷରେ ସେମାନେ ଇଂଲଣ୍ଡର ଦୁଇ ଓପନର ଡାନି ୱ୍ୟାଟ୍-ହଜ୍ (୧୦୫ଶ୍ର) ଓ ଆମି ଜୋନ୍ସ (୫୩) ଶ୍ରୀଲଙ୍କା ବୋଲରଙ୍କଦିହରା ବୋଲିଂକୁ ପୂରା ପାଇଦା ଉଠାଇ ପ୍ରଥମ ୱିକେଟ୍ ଭାଗୀଦାରରେ ୧୩୫ ରନ୍ ସଂଗ୍ରହ କରି ନିଜ ଦଳ ପାଇଁ ଦୃଢ଼ ମୂଳଦୁଆ ପକାଇଥିଲେ । ବଡ଼ଦିନ ଓଲଟରେ ଜୋନ୍ସଙ୍କୁ ଆଉଟ୍ କରି ମାଲିକି ମଦାରା ଉଭୟଙ୍କୁ ଅଲଗା କରିଥିଲେ । ତେବେ ହଜ୍ ଓ ଅଧିନାୟିକା ନାଟ୍ ସିଭର ବ୍ରଣ୍ଟ (୪୬ଶ୍ର) ଅତିରାଳିତ ଦ୍ୱିତୀୟ ୱିକେଟ୍‌ରେ ଦ୍ରୁତ ୮୪ ରନ୍ ଯୋଡ଼ି ଇଂଲଣ୍ଡ ସ୍କୋରକୁ ୨୧୯/୧ରେ ପହଞ୍ଚାଇ ଦେଇଥିଲେ । ହଜ୍ ଧମାକାଦାର ବ୍ୟାଟିଂ କରି ମାତ୍ର ୬୧ ବଲ୍‌ରୁ ତିନି ଅଙ୍କ ଛୁଇଁବା ସହ ବିଶ୍ୱକପ୍‌ର ପ୍ରଥମ ଶତକ ହାସଲକାରୀ ହୋଇଥିଲେ । ଏହାର ଜବାବରେ ଶ୍ରୀଲଙ୍କା ବଡ଼ ବିଜୟ ଲକ୍ଷ୍ୟର ତାପରେ ଚାପି ହୋଇ ମାତ୍ର ୧୩୨ ରନ୍‌ରେ ଅଲଆଉଟ ହୋଇଯାଇଥିଲା । ମଧ୍ୟକ୍ରମ ବ୍ୟାଟର ନାଲାଖିଙ୍କା ସିଲ୍‌ୱା କିଛିଟା ଲଢ଼େଇ କରି ୩୯ ରନ୍‌ର ସର୍ବୋଚ୍ଚ ପାଳି ଖେଳିଥିଲେ । ଇଂଲଣ୍ଡ ପକ୍ଷରୁ ଫ୍ରେୟା କେମ୍ପ୍ ଶାଣିତ ବୋଲିଂ କରି ମାତ୍ର ୨୨ ରନ୍ ବିନିମୟରେ ୪ ୱିକେଟ୍ କରାୟତ୍ତ କରିଥିଲେ । ହଜ୍‌ଙ୍କୁ ତାଙ୍କ ଶତକୀୟ ପାଳି ପାଇଁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା । ରବିବାରଠୁ ଭାରତର ଅଭିଯାନ ଟାଉଣ୍ଟନ୍ ଫେଡରିଟ୍ ଭାରତ ରବିବାରଠାରୁ ତା'ର ଅଭିଯାନ ଆରମ୍ଭ କରିବ । ହାଇରୋଲ୍‌ଡେଲ୍ ମୁକାବିଲାରେ ପାକିସ୍ତାନ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ । ଏହି ମ୍ୟାଚ୍ ରାତି ୭ଟାରୁ ଆରମ୍ଭ ହେବ ଏବଂ ଫମିନାମାଠାରେ ଖେଳାଯିବ । ହରମନପ୍ରୀତ୍ କୌରଙ୍କ ନେତୃତ୍ୱରେ ଖେଳିବାକୁ ଯାଉଥିବା ଭାରତୀୟ ଦଳ ପୂର୍ବରୁ ୮ଥର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଖେଳି ଜେତେଣି ଟ୍ରଫି ।

ଅଷ୍ଟ୍ରେଲିଆନ୍ ଓପନ୍: ସେମିରେ ହାରିଲେ ପିଭି ସିନ୍ଧୁ

ସିଡ଼ନି, ୧୩/୬(ନ୍ୟୁ.ଏ): ଦୁଇଥର ଅଲିମ୍ପିକ୍ସ ପଦକ ବିଜୟିନୀ ତଥା ଭାରତୀୟଲନନାଯିଉ ସିନ୍ଧୁଙ୍କ ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଅଭିଯାନ ସେମିଫାଇନାଲ୍‌ରେ ଶେଷ ହୋଇଯାଇଛି । ଶନିବାର ତାଙ୍କୁ ବିଶ୍ୱ ବିଜୟିନୀ ତଥା ଚତୁର୍ଥ ସିଡ୍ ଜାପାନର ଅକାନେ ୟାମାଗୁଚି ୨୦-୨୨, ୧୨-୨୧ ସିଧାସଳଖ ସେଟ୍‌ରେ ହରାଇ ବିଦାୟର ପଥ ଦେଖାଇ ଦେଇଛନ୍ତି । ଚଳିତବର୍ଷ ନିଜର ପ୍ରଥମ ଫାଇନାଲ୍ ପ୍ରବେଶ ଲକ୍ଷ୍ୟରେ ଥିବା ତୃତୀୟ ସିଡ୍ ସିନ୍ଧୁ ପ୍ରଥମ ସେଟ୍‌ରେ ୟାମାଗୁଚିଙ୍କୁ କଡ଼ା ଟକ୍କର ଦେଇଥିଲେ । ତେବେ ଏହାକୁ ୨ ପଏଣ୍ଟ୍‌ରେ ହାରିବା



ପରେ ମନୋବଳ ହରାଇ ବସିଥିଲେ । ଫଳରେ ଦ୍ୱିତୀୟ ତଥା ନିର୍ଣ୍ଣାୟକ ସେଟ୍‌ରେ ଆଶ୍ଚର୍ଯ୍ୟଜନକ ଲଢ଼େଇ କରି ନପାରି ସହଜରେ ପରାଜିତହୋଇଥିଲେ । ସିନ୍ଧୁଙ୍କ ବିପକ୍ଷରେ ୟାମାଗୁଚିଙ୍କର ଏହା କ୍ରମାଗତ ଷଷ୍ଠ ବିଜୟ ଥିଲା । ୟାମାଗୁଚି ମଧ୍ୟ ଭାରତୀୟ ଚତୁର୍ଥ ଥର ପାଇଁ କୌଣସି ଗୁପର ସିରିଜ୍ ପ୍ରତିଯୋଗିତାର ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି । ଚଳିତ ବର୍ଷ ମେ ମାସରେ ସେ ଆଲାଇଶ୍ର ଓପନ୍ ଜିତିବା ସହ ସିଙ୍ଗାପୁର ଓ ଇଣ୍ଡୋନେସିଆ ଓପନ୍‌ରେ ଉପବିଜୟିନୀ ହୋଇଥିଲେ । ଚଳିତାବର ଫାଇନାଲ୍‌ରେ ୟାମାଗୁଚି ନିଜର ଅନ୍ୟତମ ପୁରୁଣା ପ୍ରତିଦ୍ୱନ୍ଦ୍ୱୀ ଆଇଲାଶ୍ରର ପର୍ଶାପ୍ପି ଚୋଟୁଥିଙ୍କୁ ଭେଟିବେ । ସିନ୍ଧୁ ପରାଜିତ ହେବା ସହ ଚଳିତବର୍ଷର ଅଷ୍ଟ୍ରେଲିଆନ୍ ଓପନ୍‌ରେ ଭାରତୀୟ ଅଭିଯାନ ମଧ୍ୟ ଶେଷ ହୋଇଯାଇଛି । କାରଣ ତାଙ୍କ ବ୍ୟତିତ ଅନ୍ୟ କୌଣସି ଭାରତୀୟ ଏହି ପ୍ରତିଯୋଗିତାର ଚାର୍ଟର ଫାଇନାଲ୍ ଆଗକୁ ବଢ଼ି ନଥିଲେ ।

ଅଭିଷେକ ବାନାର୍ଜୀଙ୍କ ନାମରେ ଆଉ ଏକ ଅଭିଯୋଗ ଦାଖଲ

ନୂଆଦିଲ୍ଲୀ, ୧୩/୬(ନ୍ୟୁ.ଏ): ଅଭିଷେକ ବାନାର୍ଜୀଙ୍କ ଚିନ୍ତା ଦିନକୁ ଦିନ ବଢ଼ିବାରେ ଲାଗିଛି । ପଶ୍ଚିମବଙ୍ଗରେ ଟିଏମସି ସରକାର ଯିବାପରେ ଦଳର ସବୁଠାରୁ ବଡ଼ ପାଣ୍ଡାଗୁରୁ ନେତାଙ୍କ ବିରୋଧରେ ଗୋଟିଏ ପରେ ଗୋଟିଏ ମାମଲା ହେବାରେ ଲାଗିଛି । କେତେବେଳେ ଦଳୀୟ ନେତା ପରାଜୟର ମୁଖ୍ୟ କାରଣ ଅଭିଷେକ କହୁଛନ୍ତି ତ ଆଉ କେତେବେଳେ ଲୋକଙ୍କ ଆକ୍ରୋଶର ଭୋଗୁଛନ୍ତି ଶିକାର । ସରକାର ଯିବାର ଦି ମାସ ଭିତରେ ଏଭଳି ଅଦସ୍ତୁର ସମ୍ପୃକ୍ତାନ ଦେଉଛନ୍ତି ମମତାଙ୍କ ଫୁଟୁରା । ପୂର୍ବରୁ ଇଡି ମଧ୍ୟ ପଚରାଉଚରା କରିସାରିଛି । ଆଉ ଏବେ ପୁଣି ଅଭିଷେକଙ୍କ

ନାମରେ ଏକ ଅଭିଯୋଗ ଦାଖଲ ହୋଇଛି । ଯାହାକି ଦିବିଙ୍କ ବିଚାଳୁ ଆହୁରି ବଢ଼ାଇବାରେ ଲାଗିଛି । ପଶ୍ଚିମବଙ୍ଗର ସିଲିଗୁଡ଼ି ସାଉଥର ପୁଲିସ ଷ୍ଟେସନରେ ଅଭିଷେକଙ୍କ ନାମରେ ଏକ ଅଭିଯୋଗ ଦାଖଲ କରାଯାଇଛି । ନିର୍ବାଚନ ସମୟରେ ଉତ୍ତେଜନାମୂଳକ ବକ୍ତବ୍ୟ ଦେଇଥିବା ଅଭିଯୋଗରେ କରାଯାଇଛି । ତେବେ ଜଣେ ବ୍ୟବସାୟୀ ନାମରେ ଅଭିଷେକଙ୍କ ନାମରେ ଅଭିଯୋଗ ଜଡ଼ିଛନ୍ତି । ସ୍ଥାନୀୟ ବ୍ୟବସାୟୀ ଜଣକ କହିଛନ୍ତି ନିର୍ବାଚନ ସମୟରେ ଅଭିଷେକଙ୍କ ବକ୍ତବ୍ୟ ଉତ୍ତେଜନାପୂର୍ଣ୍ଣ ଭଳିଥିବାବେଳେ ଏହା ନିର୍ବାଚନ ପରିବେଶକୁ ବିପର୍ଯ୍ୟସ୍ତ କରିଥିଲା । ତେବେ କୁହାଯାଇଛି କି, ନିର୍ବାଚନ ସମୟରେ ଅଭିଷେକ ଦେଇଥିବା ବହୁ ପ୍ରତିକ୍ରିୟା ସୋସିଆଲ ମିଡିଆରେ ଦେଖି ଲାଗାଲାଗି ହୋଇଥିଲା । ଯାହାଦ୍ୱାରା ଉତ୍ତେଜନା ପୂର୍ବ ଥିବା କହି ଅଭିଯୋଗ ଦାଖଲ । ଏହା ପୂର୍ବରୁ ମଧ୍ୟ ଅଭିଷେକଙ୍କ ନାମରେ ଏଭଳି ମାମଲା ରୁଜୁ କରାଯାଇଛି ।

ଚମକିଲେ ବୈଭବଙ୍କ ସାନ ଭାଇ, ୮୭ ବଲରେ ମାରିଲେ ୧୦୩ ରନ୍

ନୂଆଦିଲ୍ଲୀ, ୧୩/୬(ନ୍ୟୁ.ଏ): ସୂର୍ଯ୍ୟବଂଶୀ ପରିବାରର ଜଣେ ବ୍ୟାଟର କମାଲ କରିଛନ୍ତି । ତେବେ ସେ ୧୫ ବର୍ଷୀୟ ବୈଭବ ନୁହନ୍ତି । ବୈଭବ ସୂର୍ଯ୍ୟବଂଶୀଙ୍କ ସାନ ଭାଇ ୧୦ ବର୍ଷୀୟ ଆଶୀର୍ବାଦ ନିଜ ଯାଦୁ ଦେଖାଇଛନ୍ତି । ବୈଭବ ମାତ୍ର ୧୫ ବର୍ଷ ବୟସରେ ନିଜର ସ୍ୱତନ୍ତ୍ର ଶ୍ରୀ ଅନ୍ତର୍ଜାତୀୟ କ୍ରିକେଟରେ ଛାଡ଼ି ପାରିଛନ୍ତି । ଏବେ ଆଶୀର୍ବାଦ ପ୍ରଜାନର ଅଞ୍ଚଳର ଗୋଟିଏ ମ୍ୟାଚ୍‌ରେ ହାସଲ କରିଛନ୍ତି ଶତକ । ଏହା ତାଙ୍କ କ୍ରିକେଟ କ୍ୟାରିୟରର ପ୍ରଥମ ଶତକ । ବିହାରର ସମସ୍ତିପୁରାରେ ଜାଲିଥିବା ଲୋକାଲ ଟୁର୍ଣ୍ଣାମେଣ୍ଟରେ ଗର୍ଜିଛି ଆଶୀର୍ବାଦଙ୍କ ବ୍ୟାଟ୍ । ସେ ୮୭ ବଲରେ ଖେଳିଛନ୍ତି ୧୦୩ ରନର ଇନିଂସ । କ୍ରିକେଟ ଏକାଡେମୀ ଚାଇପୁର ପାଇଁ ସେ ମ୍ୟାଚ୍ ଖେଳିବା ବେଳେ ଏପରି ସଫଳତା ପାଇଛନ୍ତି । ୧୦୩ ରନର ଇନିଂସରେ ଆଶୀର୍ବାଦଙ୍କ ବ୍ୟାଟରୁ ଦେଖିବାକୁ ମିଳିଛି ୨୦ଟି ଚୌକା ଓ ଗୋଟିଏ ଛକା । ସେ ୧୧୮.୩୯ ଷ୍ଟ୍ରାଇକ ରେଟ୍‌ରେ ଶତକୀୟ ଇନିଂସ ଖେଳି ସମ୍ପନ୍ନ

ନିଜ ବରିଷ୍ଠର ପରିଚୟ ଦେଇଛନ୍ତି । ଆଶୀର୍ବାଦଙ୍କ ମୋଟାଦାଗ ଶତକ ପରେ ବୈଭବ ସୋଶାଲ ମିଡିଆରେ ସାନ ଭାଇଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଆଶୀର୍ବାଦ ଶତକ ହାସଲ କରିବା ପରର ଫଟୋକୁ ମଧ୍ୟ ବୈଭବ ସୋଶାଲ ମିଡିଆରେ ପୋଷ୍ଟ କରିଛନ୍ତି । ଆଇପିଏଲ ୨୦୨୬ରେ ଦମଦାର ପ୍ରଦର୍ଶନ ଯୋଗୁ ବୈଭବଙ୍କୁ ଭାରତର ଜାତୀୟ ଟି-୨୦ ସ୍କ୍ୱାଡରେ ସାମିଲ କରାଯାଇଛି । ଏବେ ସେ ଭାରତ ଏ ପାଇଁ ଶ୍ରୀଲଙ୍କା ଗସ୍ତରେ ଅଛନ୍ତି । ଏହାପରେ ଜାତୀୟ ଟିମ ସହ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଗସ୍ତ କରିବେ । ଆଇପିଏଲ ୨୦୨୬ରେ ସେ ଶୁଭମନ ଗିଲ, ସାଇ ସୁଦର୍ଶନ ଓ ବିରାଟ କୋହଲିଙ୍କ ଭଳି ଖେଳାଳିଙ୍କୁ ପଛରେ ପକାଇ ସର୍ବାଧିକ ରନ ହାସଲକାରୀ ବ୍ୟାଟର ବନିଥିଲେ । ଆଇପିଏଲ ପରେ ବୈଭବଙ୍କୁ ଭାରତୀୟ ଟିମରେ ସାମିଲ କରାଯିବା କ୍ଷଣି ତାଙ୍କ ଗାଁ ତାଜପୁର ପୂରା ଉତ୍ସବ ମୁଖର ହୋଇ ଉଠିଥିଲା । ପରିବାର, ସ୍ୱୀୟୀୟ ଓ ଗାଁ ଲୋକମାନେ ବିଭିନ୍ନ ସ୍ଥାନରେ ଲଡୁ ବାଣ୍ଟି ବୈଭବଙ୍କ ସଫଳତାକୁ ଉତ୍ସବ ଭାବେ ପାଳନ କରିଥିଲେ । ଏବେ ବୈଭବଙ୍କ ଭାଇ ମଧ୍ୟ ସ୍ଥାନୀୟ ଅଞ୍ଚଳରେ କମାଲ କରିବା ଆରମ୍ଭ କରିଛନ୍ତି । ଶେଷ ଆଗାମୀ ଦିନରେ ସୂର୍ଯ୍ୟବଂଶୀ ପରିବାରର ଆଉ ଜଣଙ୍କୁ ଆଇପିଏଲ ଓ ଭାରତୀୟ କ୍ରିକେଟରେ ଦେଖିବାର ଯଥେଷ୍ଟ ସମ୍ଭାବନା ରହିଛି ।

ଲେଫ୍ଟନାଂଟ ଜେନେରାଲ ଧୀରଜ ସେଠ୍ ଦେଶର ପରବର୍ତୀ ସ୍ଥଳ ସେନା ମୁଖ୍ୟ

ନୂଆଦିଲ୍ଲୀ, ୧୩/୬(ନ୍ୟୁ.ଏ): ପ୍ରତିରକ୍ଷା ମନ୍ତ୍ରଣାଳୟ ଦେଶର ନୂତନ ସ୍ଥଳ ସେନାଧ୍ୟକ୍ଷ ଅର୍ଥାତ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ନିଯୁକ୍ତି ନିର୍ଦ୍ଦେଶ ଜାରି କରିଛି । ମନ୍ତ୍ରଣାଳୟ ପକ୍ଷରୁ ଜାରି ନିର୍ଦ୍ଦେଶରେ କୁହାଯାଇଛି ଯେ, ରାଷ୍ଟ୍ରପତି ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠ୍‌ଙ୍କୁ ଆଗାମୀ ସେନା ମୁଖ୍ୟ ନିଯୁକ୍ତି କରିବାର ମଞ୍ଜୁରୀ ଦେଇଛନ୍ତି । ଏବେ ସେ ଜେନେରାଲ ପଦରେ ନିଜ ସେବା ଦେବେ । ଧୀରଜ୍ ସେଠ୍ ୩୦ ଜୁନ୍ ୨୦୨୬ ରେ କାର୍ଯ୍ୟଭାର ଗ୍ରହଣ କରିବେ । ସେ ବର୍ତ୍ତମାନ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ସ୍ଥାନ ନେବେ । ସ୍ଥଳ ସେନାଧ୍ୟକ୍ଷ ଭାବରେ ତାଙ୍କର କାର୍ଯ୍ୟକାଳ ୩୧ ଅଗଷ୍ଟ ୨୦୨୮ ପର୍ଯ୍ୟନ୍ତ ରହିବ । ଲେଫ୍ଟନାଣ୍ଟ ଜେନେରାଲ ସେଠ୍ ବହୁ ଗୁରୁତ୍ୱପୂର୍ଣ୍ଣ ଓ ରଣନୈତିକ ପଦବୀରେ କାମ କରିସାରିଛନ୍ତି । ସେ ମହାରାଷ୍ଟ୍ରର ପୁଣେ ସ୍ଥିତ ଖଡକୱାସଲା ଜାତୀୟ ପ୍ରତିରକ୍ଷା ଏକାଡେମୀ(ଏନଡିଏ)ର ପୂର୍ବତନ ଛାତ୍ର ରହିସାରିଛନ୍ତି । ୧୯୮୬ ରେ ସଶସ୍ତ୍ର ବାହିନୀରେ କମିଶନ୍ ମିଳିଥିଲା । ସେବାରେ ୪ ଦଶକ ଧରି ରହିଛି ତାଙ୍କର ଅନୁଭବ । ନିଜ କାର୍ଯ୍ୟକାଳରେ ସେ ଦିଲିନୁ ଲୁ-ଲାଗ ଓ ସଂଘର୍ଷପୂର୍ଣ୍ଣ ସ୍ଥିତିରେ କାମ

କରିଛନ୍ତି । ଏଥିରେ ଆତଙ୍କବାଦୀ ବିରୋଧି ଅଭିଯାନ ମଧ୍ୟ ରହିଛି । ଏହା ବ୍ୟତୀତ, ଲେଫ୍ଟନାଣ୍ଟ ମରୁଭୂମି ଅଞ୍ଚଳରେ ଏକ ସଶସ୍ତ୍ର ବ୍ରିଗେଡ୍ ଏବଂ ଜମ୍ମୁ ଏବଂ କାଶ୍ମୀରରେ ଆତଙ୍କବାଦ ବିରୋଧୀ ବାହିନୀର ନେତୃତ୍ୱ ନେଇଛନ୍ତି । ଲେଫ୍ଟନାଣ୍ଟ ହେବା ପରେ, ସେ 'ଚୁସର୍ଣ୍ଣନ ଚଳ୍ ଲର୍ପସ'ର ନେତୃତ୍ୱ ନେଇଥିଲେ ଏବଂ ପରେ ଦିଲ୍ଲୀରେ ଜେନେରାଲ ଅଫିସର କମାଣ୍ଡିଂ ଭାବରେ କାର୍ଯ୍ୟ କରିଥିଲେ, ଯେଉଁଠାରେ ସେ ପ୍ରମୁଖ ଜାତୀୟ ଏବଂ ଅନ୍ତର୍ଜାତୀୟ ଅପରେସନଗୁଡ଼ିକର ନେତୃତ୍ୱ ନେଇଥିଲେ । ସେନା କମାଣ୍ଡର ହେବା ପରେ, ସେ ଦକ୍ଷିଣ-ପଶ୍ଚିମ କମାଣ୍ଡ ଏବଂ ଦକ୍ଷିଣ କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଭାବରେ କାର୍ଯ୍ୟ କରିଥିଲେ । ସେ ପଶ୍ଚିମ କମାଣ୍ଡର ଦୁଇ ଅପରେସନାଲ କମାଣ୍ଡ ପରିଚାଳନା କରିଥିବାର ଗୌରବ ରହିଛି । ଲେଫ୍ଟନାଣ୍ଟ ଜେନେରାଲ ସେଠ୍ ଆମେରିକାର କାର୍ଲିଫର୍ଣ୍ଣିଆର ମୋଣ୍ଟେରୀ ସ୍ଥିତ ନାଭାଲ ପୋଷ୍ଟଗ୍ରାଜୁଏସନ୍ ସ୍କୁଲରେ ଲଣ୍ଡରନ୍‌ଥାସନାଲ ଡିଫେନ୍ସ ଆକ୍ୟୁଜେସନ୍ସ ମ୍ୟାନେଜମେଣ୍ଟ କୋର୍ସ, ପାରିସର ମିଲିଟାରୀ କଲେଜରୁ ଡିଫେନ୍ସ ସର୍ଭିସେଜ୍ କମାଣ୍ଡ ଆଣ୍ଡ ଜେନେରାଲ ଷ୍ଟାଫ୍ କୋର୍ସ ଏବଂ ଦିଲ୍ଲୀରେ ନ୍ୟାଶନାଲ ଡିଫେନ୍ସ କଲେଜରୁ ଟ୍ରେନିଂ ନେଇଛନ୍ତି । ସେ ସବୁବେଳେ ଜଣେ କୁଶଳୀ ସେନା ଅଧିକାରୀ ଭାବରେ ଭଲ ପ୍ରଦର୍ଶନ କରିଛନ୍ତି । ସେ ସେନାର ଆଧୁନିକୀକରଣରେ ନିଜର ଯୋଗଦାନ ପାଇଁ ବ୍ୟାପକ ଭାବରେ ପରିଚିତ ଜେନେରାଲ ଅଫିସର । ସେନା ମୁଖ୍ୟାଳୟର ରଣନୈତିକ ଯୋଜନା ଓ କ୍ଷମତା ବିକାଶରେ ଗୁରୁତ୍ୱପୂର୍ଣ୍ଣ ପଦରେ କାମ କରିଛନ୍ତି । ସେନାର ଆଧୁନିକୀକରଣ, କ୍ଷମତା ବିକାଶର ରୋଡମ୍ୟାପ୍ ଓ ଦୀର୍ଘ ସମୟ ପାଇଁ ସେନା ସହ ଜଡିତ ଦିଗର ଆକାର ଦେବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ।

ଓଡିଶାର ଗଣପର୍ବ ରଜପର୍ବରେ ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା । ଭଗବାନଙ୍କ ନିକଟରେ ପ୍ରାର୍ଥନା ସମସ୍ତ ପରିବାର ହସଖୁସି ସହ ନିରାମୟ ଜୀବନଯାପନ କରନ୍ତୁ ।

ଶ୍ରୀ ରମାକାନ୍ତ ପଟ୍ଟନାୟକ
ପାରଳାଖେମୁଣ୍ଡି, ଗଜପତି

ଆମ ପରମ୍ପରା ଓ ସଂସ୍କୃତିର ପ୍ରତୀକ ରଜ ସଂକ୍ରାନ୍ତିରେ ଓଡିଶାର ଭାଇଭଉଣୀ ମାନଙ୍କୁ ମୋର ଅଭିନନ୍ଦନ ଓ ଶୁଭକାମନା । ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ଓ ଖୁସିରେ ରଖନ୍ତୁ ।

ଶ୍ରୀ ଗୌରହରି ଜରସୁଧା ପଟ୍ଟନାୟକ
ପାରଳାଖେମୁଣ୍ଡି, ଗଜପତି

ବିଜୟନଙ୍କୁ ନେଇ ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ ସିପିଆଇଏମ୍‌ର ସମାଲୋଚନା

ନୂଆଦିଲ୍ଲୀ, ୧୩/୬(ନ୍ୟୁ.ଏ): ବିରୋଧୀ ଇଣ୍ଡି ମେଣ୍ଟରେ ପୁଣି ଥରେ ବିବାଦ ଦେଖିବାକୁ ମିଳିଛି । କେରଳରେ ବାମ ଦଳ ପ୍ରତି କଂଗ୍ରେସ ନେତୃତ୍ୱର ଆଭିମୁଖ୍ୟ ଉପରେ ସିପିଆଇ(ଏମ୍) ସାଧାରଣ ସମ୍ପାଦକ ଏମଏ ବେବି ପ୍ରଶ୍ନ ଉଠାଇବା ପରେ ବିରୋଧୀ ଇଣ୍ଡି ମେଣ୍ଟ ମଧ୍ୟରେ ମତଭେଦ ପୁଣି ଥରେ ବଢ଼ାଇଛି ଆସିଛି । କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ପିନାରାୟୀ ବିଜୟନ ଶନିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ବିଜୟନ କହିଛନ୍ତି, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ରାଜନୈତିକ ଆଭିମୁଖ୍ୟ ଇଣ୍ଡି ମେଣ୍ଟକୁ ଦୃଢ଼ କରୁନାହିଁ ବରଂ ଏହାଦ୍ୱାରା ଅନେକ ସମୟରେ ଭାରତୀୟ ଜନତା ପାର୍ଟି ପାଇଁ ଲାଭବାନ ହେଉଛି । ଇଣ୍ଡି ମେଣ୍ଟ ବୈଠକରେ ରାହୁଲ ଗାନ୍ଧୀ କହିଥିଲେ ଯେ, ସେ କେରଳରେ

ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା କାରଣରୁ ବିଜୟନଙ୍କୁ ଆଲିଙ୍ଗନ କରିପାରିବେ ନାହିଁ । ବିଜୟନ କହିଛନ୍ତି, ଜିଏ କାହାକୁ ଆଲିଙ୍ଗନ କରୁଛି ସେ ନେଇ ତାଙ୍କ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । କିନ୍ତୁ ଆମେ ସମସ୍ତେ ରାହୁଲ ଗାନ୍ଧୀଙ୍କୁ ନରେନ୍ଦ୍ର ମୋଦୀଙ୍କୁ ଆଲିଙ୍ଗନ କରୁଥିବାର ଫଟୋ ଦେଖିଛନ୍ତି । ସେ ମୋଦୀଙ୍କୁ ଆଲିଙ୍ଗନ କଲେ ମୋର କିଛି ଆପତ୍ତି ନାହିଁ, କିନ୍ତୁ ତାଙ୍କ ଟିପ୍ପଣୀ କିଛି ଅଲଗା ବାର୍ତ୍ତା ଦେଉଛି ଯେଉଁ ବିଜୟନ କହିଛନ୍ତି । ଏହାଦ୍ୱାରା ଇଣ୍ଡି ମେଣ୍ଟ ପ୍ରତି ରାହୁଲ ଗାନ୍ଧୀଙ୍କ ଦୃଷ୍ଟିକୋଣ ସ୍ପଷ୍ଟ ଜଣାପଡ଼ୁଛି । ଏହାଛଡ଼ା ବିଜ୍ଞାନରେ ଆଲୋଚନା ହେବା ଜରୁରୀ ଓ ମୁଁ ଏଥାଉପରେ ବର୍ତ୍ତମାନ ଅଧିକ କିଛି କହିବି ନାହିଁ ବୋଲି ସିପିଏମ୍‌ର ବରିଷ୍ଠ ନେତା କହିଛନ୍ତି । ବିଜୟନ କହିଛନ୍ତି, କେବଳ ସିପିଆଇଏମ ନୁହେଁ, ଅଖିଳେଶ ଯାଦବ ଓ ତେଜସ୍ୱୀ ଯାଦବଙ୍କ ପରି ନେତା ମଧ୍ୟ ଇଣ୍ଡି ମେଣ୍ଟ ଚେ ?ଠକ ବେଳେ ଆପତ୍ତି ଉଠାଇଛନ୍ତି ଓ କଂଗ୍ରେସ ଅଭିଯୁକ୍ତ ବିରୋଧରେ କହିଛନ୍ତି । ଡିଏମ୍‌କେ ଏବେ କେଉଁ ସ୍ଥିତିରେ ଅଛି ଲୋକ ଦେଖିପାରୁଛନ୍ତି । ବର୍ତ୍ତମାନର ପରିସ୍ଥିତି କଂଗ୍ରେସ ବିଶେଷ କରି ରାହୁଲ ଗାନ୍ଧୀଙ୍କ ଆଭିମୁ